**ଅଗଷ୍ଟ ପହିଲାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପାଳନ କରିବ ୩ୟ ପ୍ରତିଷ୍ଠା ଦିବସ**

# ନାହାନ୍ତି ଜଣେ ମଧ୍ୟ ସ୍ଥାୟୀ ଅଧ୍ୟାପକ

**ଖାଲି ପଡିଛି 'ତେଲୁଗୁ' ଓ 'ଷ୍ଟାଟିଷ୍ଟିକ୍ସ' ବିଭାଗ**

**ପ୍ରତିଷ୍ଠା ପରଠାରୁ ପୂରଣ ହୋଇନି ୧୧୨ଟି ଅଧ୍ୟାପକ ଓ ୧୯ଟି ଅଣଶିକ୍ଷକ କର୍ମଚାରୀ ପଦବୀ**

**ଅସ୍ଥାୟୀ ଭାବେ ନିଯୁକ୍ତି ପାଇଲେ ଜଣେ ପ୍ରଫେସର ଓ ୫୮ ଜଣ ଅତିଥି ଅଧ୍ୟାପକ**

**ଅଚଳାବସ୍ଥା ଜାରି**



**ବ୍ରହ୍ମପୁର,୨।୭(ସମିସ):** ଆସନ୍ତା ଅଗଷ୍ଟ ପହିଲାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପାଳନ କରିବ ତୃତୀୟ ପ୍ରତିଷ୍ଠା ଦିବସ। ଏଥିପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ତେବେ ବିଶ୍ୱବିଦ୍ୟାଳୟକୁ ୩ବର୍ଷ ପୂର୍ତ୍ତି ହେବାକୁ ଯାଉଥିବା ବେଳେ ବିଶ୍ୱବିଦ୍ୟାଳୟର ସ୍ଥିତି କିନ୍ତୁ ଅତ୍ୟନ୍ତ ଦୟନୀୟ। ବିଶ୍ୱବିଦ୍ୟାଳୟର ନା ଅଛି ୟୁଜିସି ସ୍ୱିକୃତୀ ନା ଏଠାରେ ଅଛନ୍ତି ଜଣେ ମଧ୍ୟ ସ୍ଥାୟୀ ଅଧ୍ୟାପକ। ସବୁଠାରୁ ବଡକଥା ହେଲା ଏଠାରେ ବର୍ତ୍ତମାନ ସ୍ଥାୟୀ କୁଳପତି ମଧ୍ୟ କେହି ନାହାନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କୁ ଏହାର କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଘୋଷଣା ପରଠାରୁ ଅର୍ଥାତ୍ ୨୦୨୨ମସିହାରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଅନୁମୋଦିତ ୧୧୨ଟି ଅଧ୍ୟାପକ ପଦବୀ ସହିତ ୧୯ଟି ଅଣଶିକ୍ଷକ କର୍ମଚାରୀ ପଦବୀ ଆଜି ପର୍ଯ୍ୟନ୍ତ ପୂରଣ ନହୋଇ ଖାଲିପଡିଛି। ସେପଟେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ସମସ୍ତ ଅଧ୍ୟାପକଙ୍କୁ ଏଠାରେ ଡିପ୍ଲଏମେଣ୍ଟରେ ରଖାଯାଇଥିବା ବେଳେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରଠାରୁ ଏଠାରେ ଜଣେ ମଧ୍ୟ ନିଜସ୍ୱ ବା ସ୍ଥାୟୀ ଅଧ୍ୟାପକ ନଥିବା ଜଣାପଡିଛି। ବର୍ତ୍ତମାନ ନୂତନ ଶିକ୍ଷାବର୍ଷ ପାଇଁ ଉଭୟ ୟୁଜି ଶ୍ରେଣୀରେ ୧୮ଟି ଓ ପିଜି ଶ୍ରେଣୀରେ ୧୭ଟି ବିଭାଗରେ ଛାତ୍ରଛାତ୍ରୀଙ୍କ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ଜୁନ ୧୮ ତାରିଖରୁ ବିଶ୍ୱବିଦ୍ୟାଳୟ ଖୋଲିଥିଲେ ହେଁ ଅଧ୍ୟାପକଙ୍କ ଅଭାବ ଯୋଗୁଁ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଯାହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଣେ ପ୍ରଫେସର ଓ ବିଭିନ୍ନ ବିଭାଗରେ ଆସିଷ୍ଟାଣ୍ଟ ଓ ଆସୋସିଏଟ ପ୍ରଫେସର ଏଭଳି ଭାବେ ମୋଟ ୬୭ଜଣଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଚୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ପ୍ରଫେସରଙ୍କ ସମେତ ୫୪ଜଣ ଆସିଷ୍ଟାଣ୍ଟ ଓ ୪ଜଣ ଆସୋସିଏଟ ପ୍ରଫେସର ଇତିମଧ୍ୟରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ନିଯୁକ୍ତି ପାଇଥିବା ପ୍ରଫେସରଙ୍କ ସମେତ ସମସ୍ତ ଅଧ୍ୟାପକ ଏକବର୍ଷ ପାଇଁ ଚୁକ୍ତିଭିତ୍ତିକ ତଥା ଅତିଥି ଅଧ୍ୟାପକ ଅଟନ୍ତି। ଅବଶିଷ୍ଟ ପଦବୀରେ କେହି ଯୋଗ ଦେଇନଥିବାରୁ ସେହି ପଦବୀ ଗୁଡିକ ପୁଣି ଖାଲିରହିଛି। ଅତିଥି ଅଧ୍ୟାପକଙ୍କୁ ନେଇ ବର୍ତ୍ତମାନ ଆରମ୍ଭ ହୋଇଛି ଉଭୟ ୟୁଜି ଓ ପିଜି ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠପଢା। ତେବେ ଏହି ବ୍ୟବସ୍ଥା ଦିର୍ଘସ୍ଥାୟୀ ନୁହେଁ ବରଂ ସାମୟିକ। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟରେ ଉଭୟ ତେଲୁଗୁ ଓ ଷ୍ଟାଟିଷ୍ଟିକ୍ସ ବିଭାଗରେ ଛାତ୍ରଛାତ୍ରୀ, ଅଧ୍ୟାପକ କିମ୍ବା କର୍ମଚାରୀ କେହି ନଥିବା ଜଣାପଡିଛି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ମୋଟ ୫୯ଜଣ ଅଧ୍ୟାପକ ବିଭିନ୍ନ ବିଭାଗରେ ଯୋଗଦେବା ପରେ ଅନ୍ତତଃ ପିଲାଙ୍କ ପାଠପଢା ଆରମ୍ଭ ହୋଇପାରିବ। ହେଲେ ୨୦୨୨ମସିହାରୁ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଅନୁମୋଦିତ ଜଣେ ମଧ୍ୟ ସ୍ଥାୟୀ ଅଧ୍ୟାପକ ଓ ଅନ୍ୟାନ୍ୟ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆନଯିବା ସବୁଠାରୁ ଚିନ୍ତା ଓ ପରିତାପର ବିଷୟ। ଏଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟର ୟୁଜିସି ମାନ୍ୟତା ନଥିବା କାରଣରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଖୋଦ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକମାନଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଯାଇଛି। ୟୁଜିସି ସ୍ୱୀକୃତି ନଥିବାରୁ 'ନାକ' ମାନ୍ୟତା ମିଳିପାରୁ ନାହିଁ। ଯଦ୍ୱାରା କୌଣସି ଅନୁଦାନ ମିଳିବା ସମ୍ଭବପର ହେଉନଥିବା ବେଳେ ପିଏଚଡି ବା ଗବେଷଣା କରିବା ମଧ୍ୟ ସମ୍ଭବପର ହେଉନାହିଁ। ସର୍ବୋପରି ୟୁଜିସି ତାଲିକାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନାମ ନଥିବାରୁ ଏଠାରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ ଅନ୍ୟ କୌଣସି ସ୍ଥାନରେ ଗ୍ରହଣୀୟ ମଧ୍ୟ ନୁହେଁ ବୋଲି ଜଣାପଡିଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ସହିତ ୟୁଜିସି ମାନ୍ୟତା ହାସଲ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

# ସୋରଡ଼ା ବିଧାୟକଙ୍କ ବିଜୟ ଶୋଭାଯାତ୍ରା



**ବେଲଗୁଣ୍ଠା,୨।୭(ସମିସ):** ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମଙ୍ଗଳବାର ବେଲଗୁଣ୍ଠା ବ୍ଲକରେ ବିଜୟ ଶୋଭାଯାତ୍ରା କରିବା ଅବସରରେ ତାଙ୍କୁ ବିଭିନ୍ନ ଗ୍ରାମରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ବେଲଗୁଣ୍ଠାରେ ଏନଏସି ଉପାଧ୍ୟକ୍ଷ ପ୍ରତିନିଧି ଲିଙ୍ଗରାଜ ପାତ୍ର, ବିଜେପି ନଗରପାଳ ପ୍ରାର୍ଥୀ ମହେନ୍ଦ୍ର ବେହେରା, ନୀଳାଞ୍ଚଳ ମହାପାତ୍ର, ଖଦାଳ ପୋଲାଇଙ୍କ ସମେତ ବହୁ ବିଜେପି ନେତା ଓ କର୍ମୀ ବିଧାୟକ ନୀଳମଣିଙ୍କୁ ସ୍ୱାଗତ କରିଥିଲେ। ସେହିପରି ବଙ୍କା ଠାରେ ସରପଞ୍ଚ ଶୁଭଶ୍ରୀ ପରିଡା, ସମିତିସଭ୍ୟ ପ୍ରଫୁଲ୍ଲ ଗୌଡ, ସରପଞ୍ଚ ପ୍ରତିନିଧି ଲକ୍ଷ୍ମଣ ପରିଡ଼ା ପୁଷ୍ପଗୁଚ୍ଛ ଦେଇ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଓ ପରେ ଏହି ଶୋଭାଯାତ୍ରା ବେଲଗୁଣ୍ଠାରୁ ବାଣତୁମ୍ବ,ତନରଡା,ଧୂମୂଛାଇ ଛକ,ନୂଆଁଗାଆଁ ଛକ, ଡିମ୍ବିରି ପଲ୍ଲୀ, ପାଟୁଳି ସାହି ଛକ, ଇଙ୍ଗିନାଠି ଛକ, ରତଙ୍ଗ ଛକ, ସାରୀଆପଲ୍ଲୀ ଛକ, ଉସ୍ତପଲୀ, ମନ୍ଦାର ଦେଇ ନେଟଙ୍ଗା ଠାରେ ପହଞ୍ଚିବା ପରେ ସେଠାରେ ନେଟଙ୍ଗା ମଣ୍ଡଳ ସଭାପତି ତଥା ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ଲେଙ୍କାଙ୍କ ନେତୃତ୍ୱରେ ବିଧାୟକ ଶ୍ରୀ ବିଷୋୟୀଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶୋଭାଯାତ୍ରାରେ ବିଧାୟକ ଶ୍ରୀ ବିଷୋୟୀଙ୍କ ସହିତ ଗାଙ୍ଗପୁର ମଣ୍ଡଳ ସଭାପତି ତଥା ପୂର୍ବତନ ସରପଞ୍ଚ ସୁରେନ୍ଦ୍ର କୁମାର ଡାକୁଆ, ୪୮ ନମ୍ବର୍ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ସୁଧୀର କୁମାର ଜେନା, ପୂର୍ବତନ ସରପଞ୍ଚ ମହନ୍ତ ରାମକୃଷ୍ଣ ଦାସ, ଘୁମୁସର ଜିଲ୍ଲା ବିଜେପି ମୋର୍ଚ୍ଚା ସଭାପତି କେ ରବୀନ୍ଦ୍ର କୁମାର ପାତ୍ର, ଘୁମୁସର ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ରଞ୍ଜନ ରାଉତଙ୍କ ସମେତ ବହୁ ବରିଷ୍ଠ ବିଜେପି ନେତା ଉପସ୍ଥିତ ଥିଲେ।

# ସନ୍ଦେହ ଘେରରେ ମହିଳାଙ୍କ ଆତ୍ମହତ୍ୟା

**ହିଞ୍ଜିଳିକାଟୁ,୨।୭(ସମିସ):** ମଙ୍ଗଳବାର ଅପରାହ୍ନରେ ହିଞ୍ଜିଳି ଥାନା ଅଧିନ ଥାନା ସାହିରେ ଜଣେ ମହିଳା ଘର ଭିତରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ସ୍ୱପ୍ନା ପାଢି (୪୨)। ସେ ପରିବାର ସହ ଦିଲ୍ଲୀରେ ରହୁଥିବା ବେଳେ ଗତ କିଛି ଦିନ ପୂର୍ବେ ନିଜ ଝିଆରୀର ବିବାହ ଉତ୍ସବରେ ଯୋଗ ଦେବା ପାଇଁ ହିଞ୍ଜିଳିକାଟୁ ଆସିଥିଲେ। ଝିଆରୀ ବାହାଘର ଦୁଇ ଦିନ ପରେ ପରିବାର ସଦସ୍ୟ ମଙ୍ଗଳବାର ଦିନ ନିକଟସ୍ଥ ଅଞ୍ଚଳକୁ ବୁଲିବାକୁ ଯାଇଥିବାବେଳେ ମହିଳା ଜଣଙ୍କ ଘରେ ଏକାକୀ ଥିଲେ। ପରିବାର ସଦସ୍ୟ ଘରକୁ ଫେରିବା ବେଳେ ମହିଳା ଜଣଙ୍କ ଘରର ପଙ୍ଖାରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୁଲିସ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି କେସନମ୍ବର ୨୦/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଥିସହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି। ପୁଲିସ ପରିବାର ଲୋକଙ୍କୁ ପଚରାଉଚରା କରିବା ସହ ଘଟଣାର ପ୍ରକୃତ କାରଣ ବିଷୟରେ ଜାଣିବା ପାଇଁ ତଦନ୍ତ ଚଳାଇଛି।

**ମୋରମ ଚୋରାଚାଲାଣ**

# ଜିଲ୍ଲା ଖଣି ଅଧିକାରୀଙ୍କ କାର୍ଯ୍ୟରେ ବାଧା ଦେଲେ ସରପଞ୍ଚ !

**ଥାନାରେ ମାମଲା**

**ପାରଳାଖେମୁଣ୍ଡି, ୨।୭ (ସମିସ) :** ଗଜପତି ଜିଲ୍ଲା କାଶୀନଗର ବ୍ଲକର କେ.ସୀତାପୁର ପଞ୍ଚାୟତ ସରପଞ୍ଚ ଖଣି ଅଧିକାରୀଙ୍କ କାର୍ଯ୍ୟରେ ବାଧା ଦେଇଛନ୍ତି । ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡା ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଉକ୍ତ ଅଭିଯୋଗକୁ ଆଧାର କରି ପାରଳାଖେମୁଣ୍ଡି ଆଦର୍ଶ ଥାନା କେସ୍ ନମ୍ବର ୨୧୫/ ୨୦୨୪ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ଆଜି ଖଣି ଅଧିକାରୀ କାଶୀନଗର ଯାଉଥିବା ବେଳେ ଅପରାହ୍ନ ପ୍ରାୟ ସାଢେ ଚାରିଟାରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମ ନିକଟସ୍ଥ ସୌରାଗୁଡା ମୌଜା ପ୍ଲଟ ନମ୍ବର ୩୯୯, ଖାତା ନମ୍ବର ୮ରୁ ୩ଟି ଟ୍ରାକ୍ଟରରେ ମୋରମ ମାଟି ଚାଲାଣ ହେଉଥିବାର ଦେଖିଥିଲେ । ସେ ଉକ୍ତ ୩ଟି ଟ୍ରାକ୍ଟରକୁ ଅଟକାଇବା ସହ ମାଟି ଉତ୍ତୋଳନ ନିମନ୍ତେ ଅନୁମତି ପତ୍ର ସହ ଚାଲାଣ ମାଗିଥିଲେ । କିନ୍ତୁ ସେମାନଙ୍କ ନିକଟରେ କୌଣସି ପ୍ରକାର ଅନୁମତି ପତ୍ର କିମ୍ବା ଚାଲାଣ ରସିଦ ନଥିଲା । ସେ ସମୟରେ କେ.ସୀତାପୁର ସରପଞ୍ଚ ତେଜେଶ୍ୱର ରାଓ ପହଞ୍ଚି ଖଣି ଅଧିକାରୀଙ୍କ ସହ ଯୁକ୍ତି କରିଥିଲେ । ଏହା ସହ ଗାଡ଼ିଗୁଡିକୁ ଛାଡ଼ିବା ପାଇଁ ଜିଦ୍ ଧରିବା ସହ ନାଲିଆଖି ଦେଖାଇଥିଲେ । ହେଲେ ଖଣିଅଧିକାରୀ ସରପଞ୍ଚଙ୍କ ଏପରି ଯୁକ୍ତିକୁ ନଶୁଣି ଥାନାରେ ଅଭିଯୋଗ କରିଛନ୍ତି ।

# ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବେଲଗୁଣ୍ଠା,୨।୭(ସମିସ):** ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟଅଧୀନସ୍ଥ ଗୋବରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ସାସମଲ୍ ଏବଂ ପାଲକଷଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୀତାକାନ୍ତ ତ୍ରିପାଠୀ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅବସରପ୍ରାପ୍ତ ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା କୁମାରୀ ରଥ, ଭାଗ୍ୟଲତା ପ୍ରଧାନ, ବରିଷ୍ଠ କିରାଣୀ ଶରତଚନ୍ଦ୍ର ରଥ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଉପସଭାପତି ଶଲ୍ୟ କୁମାର ସିଅ, ସମ୍ପାଦକ ମନୋରଞ୍ଜନ ବିଷୋୟୀ, କୋଷାଧ୍ୟକ୍ଷ ଶଙ୍କରନାରାୟଣ ସେଠୀ ପ୍ରମୁଖ ମଞ୍ଚାସୀନ ରହି ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ଛାୟାକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଶିକ୍ଷକ ଅଚ୍ୟୁତ କୁମାର ବ୍ରହ୍ମା, ନରେଶ ବ୍ରହ୍ମା, ଚିନ୍ମୟ ପ୍ରଧାନ, ଶ୍ରୀଧର ପ୍ରଧାନ, କେଦାର ନାଥ ନାୟକ, ଟୁକୁନା ବେହେରା, ସିଆରସିସି ବିଦେଶୀ ବାଡ଼ତ୍ୟା, କାଳୁଚରଣ ଗୌଡ଼, ରମେଶ କୁମାର ପାଣିଗ୍ରାହୀ, ମନୋଜ ପଟ୍ଟନାୟକ, ହରେକୃଷ୍ଣ ଶତପଥୀ, ଶିକ୍ଷକ ଶିଶିର କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

# ନୂତନ ଆଇନ କାର୍ଯ୍ୟକାରିତା ଆଲୋଚନାଚକ୍ର

**ହିଞ୍ଜିଳିକାଟୁ, ୨।୭(ସମିସ):** ହିଞ୍ଜିଳି ଥାନା ପକ୍ଷରୁ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ଆସିକା ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ଓ ବେଲଗାଁ ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ ଯୋଗଦେଇ ତିନୋଟି ନୂତନ ଅପରାଧିକ ଆଇନ ସମ୍ପର୍କରେ ସଚେତନ କରିଥିଲେ। ଏହି ଆଇନ ଦ୍ୱାରା ଜନସାଧାରଣ ତ୍ୱରିତ ନ୍ୟାୟ ସେବା ପାଇବା ସହ ସମାଜର ଦୁର୍ବଳ ଶ୍ରେଣୀ ଓ ମହିଳା ମାନେ ଲାଭବାନ ହେବେ। ସ୍ଥାନୀୟ ଓକିଲ, ସାମ୍ବାଦିକ, ସମାଜସେବୀ ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହି ନୂତନ ଅପରାଧିକ ଆଇନର ଆବଶ୍ୟକତା ଓ ବ୍ୟବହାରିତା ଉପରେ ଆଲୋକ ପାତ କରିଥିଲେ। ବିଜେପି ଜିଲ୍ଲା ଉପସଭାପତି ମାଧବ ଗୌଡ଼, ଯୁବ ବିଜେଡ଼ି ନେତା ନୀଳମଣି ପଟ୍ଟନାୟକ, ବିଜେପି ମଣ୍ଡଳ ସଭାପତି ସନ୍ତୋଷ ପାଣିଗ୍ରାହୀ, ନାଡି କେଶବ, ରାକେଶ ରଥ, ସରପଞ୍ଚ ସୁଦର୍ଶନ ରାଉତ, ସମିତି ସଭ୍ୟ ପ୍ରଶାନ୍ତ ସାହୁ ଓ ସମାଜସେବୀ ରାମହରି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ହିଞ୍ଜିଳି ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ହିଞ୍ଜିଳି ଥାନା ଆଇଆଇସି ଶ୍ରୀ ସେଠୀ ଧନ୍ୟବାଦ ଜ୍ଞାପନ କରିଥିଲେ।

# ହତ୍ୟା ଉଦ୍ୟମ ଅଭିଯୋଗରେ ଦୁଇ ଭାଇ ଗିରଫ

**ଦିଗପହଣ୍ଡି,୨।୭(ସମିସ):** ଦିଗପହଣ୍ଡି ଥାନା ଅନ୍ତର୍ଗତ କରପଡା ଗ୍ରାମର ଜଣେ ଦିବ୍ୟାଙ୍ଗ ମହିଳା ଓ ତାଙ୍କ ଭାଇଙ୍କୁ ହତ୍ୟାଉଦ୍ୟମ ଅଭିଯୋଗରେ ଦିଗପହଣ୍ଡି ଥାନା ପୋଲିସ କେ. ନୂଆଗାଁ ଥାନା ଅନ୍ତର୍ଗତ ଜକର ଗ୍ରାମର ଦୁଇ ଭାଇଙ୍କୁ ଗିରଫ କରିଛି।ସେମାନେ ହେଲେ ସିମାଞ୍ଚଳ ପ୍ରଧାନ ଓ ଲିଟୁ ପ୍ରଧାନ।ଦିଗପହଣ୍ଡି ଥାନା ମାମଲା ନଂ. ୨୬୪/୨୪ ପ୍ରକାରେ ଗିରଫ ଦୁଇ ଭାଇଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। କରପଡା ଗ୍ରାମର ସୁରେନ୍ଦ୍ର ପ୍ରଧାନଙ୍କ ଦିବ୍ୟାଙ୍ଗ ଝିଅ ଅର୍ଚ୍ଚନାଙ୍କୁ ଜକର ଗ୍ରାମର ସିମାଞ୍ଚଳ ପ୍ରଧାନ ବିବାହ କରିଥିଲେ।ବିବାହ ସମୟରେ ସୁରେନ୍ଦ୍ର ତାଙ୍କ ଝିଅକୁ ଉପହାର ସ୍ୱରୂପ ୬୦ ହଜାର ଟଙ୍କା ଏବଂ ସାତ ଭରଣ ଜମି ପ୍ରଦାନ କରିଥିଲେ।ତଥାପି ବିବାହ ପରେ ସିମାଞ୍ଚଳ ତାଙ୍କ ସ୍ତ୍ରୀ ଅର୍ଚ୍ଚନାଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯ୍ୟାତନା ଦେବାରୁ ସେ ବାପା ଘରେ ରହି ଆସୁଥିଲେ।ଗତ ରବିବାର ସଂଧ୍ୟାରେ ସିମାଞ୍ଚଳ ଓ ତାଙ୍କ ଭାଇ ଲିଟୁ ଖଣ୍ଡାକାତି ଧରି ସୁରେନ୍ଦ୍ରଙ୍କ ଘରେ ପଶି ପ୍ରଥମେ ତାଙ୍କ ପୁଅ ଆଲୋକ ପ୍ରଧାନଙ୍କୁ ଆକ୍ରମଣ କରିଥିଲେ।ପରେ ଆଲୋକଙ୍କୁ ଉଦ୍ଧାର କରିବାକୁ ଯାଇ ଅର୍ଚ୍ଚନା ମଧ୍ୟ ଗୁରୁତର ଆହତ ହୋଇଥିଲେ।ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଫଳରେ ଅଭିଯୁକ୍ତ ଦୁଇ ଭାଇ ସେଠାରୁ ଚାଲିଯିବା ପରେ ଆହତ ଭାଇଭଉଣୀଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ନିଆଯାଇ ଚିକିତ୍ସିତ କରାଯାଇଥିଲା।ସେଠାରୁ ଫେରି ଏତଲା ଦିଆଯିବା ପରେ ପୋଲିସ ମାମଲା ରୁଜୁ କରି ଦୁଇ ଭାଇଙ୍କୁ ଗିରଫ କରିଥିଲେ।

# ବାଙ୍ଗାଲୋରରେ ଛାତରୁ ପଡ଼ି ଶ୍ରମିକର ମୃତ୍ୟୁ

**ଭଞ୍ଜନଗର, ୨।୭ (ସମିସ)** ଘରଦ୍ୱାର ଛାଡ଼ି ରୋଜଗାର କରିବା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଶ୍ରମିକର ମୃତଦେହ ଆଜି ଗ୍ରାମକୁ ଫେରିଛି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ଅଧୀନ ଗାଲେରୀ ଗ୍ରାମର ପାଣ୍ଡୁ ଗୌଡଙ୍କ ପୁଅ କାହ୍ନୁ ଗୌଡ(୨୧)ର ବେଙ୍ଗଲୋରରେ ଛାତରୁ ପଡି ମୃତ୍ୟୁ ହୋଇଥିବା ଜଣାପଡିଛି। କାହ୍ନୁ ଗତ ଦେଢମାସ ପୂର୍ବରୁ ବେଙ୍ଗଲୋରର ହସୁର ଇଲାକାକୁ ଯାଇଥିଲେ। ସେଠାରେ ଏକ ଟ୍ରାକ୍ଟର ନିର୍ମାଣ କମ୍ପାନୀରେ କାମ କରୁଥିବା ବେଳେ ଗ୍ରାମର ତଥା ଆଖପାଖ ଇଲାକାର ପିଲାଙ୍କ ସହ ମିଶି ରହୁଥିଲେ। ଗତ ରବିବାର ଦିନ ରାତିରେ ସେ ଛାତ ଉପରେ କଥା ହେଉଥିବା ସମୟରେ ଅସାବଧାନତା କାରଣରୁ ତଳେ ପଡିଯାଇଥିଲେ।ଗୁରୁତର ଅବସ୍ଥାରେ ତାକୁ ନିକଟସ୍ଥ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।କାହ୍ନୁର ମୃତ ଶରୀରକୁ କମ୍ପାନି ଓ ପରିବାରର ମିଳିତ ସହାୟତାରେ ଏକ ଆମ୍ବୁଲାନ୍ସ ସହାୟତାରେ ଆଜି ଗ୍ରାମକୁ ଅଣାଯାଇଛି। ଏହାପରେ ରୀତିନୀତି ଅନୁଯାୟୀ ଗ୍ରାମର ଶ୍ମସାନରେ ଅନ୍ତିମ ସଂସ୍କାର କରାଯାଇଛି। ତେବେ କାହ୍ନୁଙ୍କ ପରିବାର ଗରୀବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣ ଲୋକ ନିବେଦନ କରିଛନ୍ତି। କାହ୍ନୁ ପରିବାରରେ ସବୁଠାରୁ ସାନ ପୁଅ ହୋଇଥିବା ବେଳ ସେ ପୂର୍ବରୁ ତାମିଲନାଡୁରେ କାମ କରୁଥିଲେ। ଗ୍ରାମକୁ କିଛି ମାସ ତଳେ ଫେରିଥିବା ବେଳେ ପ୍ରାୟ ଦେଢ ମାସ ପୂର୍ବେ ବେଙ୍ଗଲୋର କାମ କରିବାକୁ ଯାଇଥିବା ବେଳେ ସେଠାରେ ଏଭଳି ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଛି। କାହ୍ନୁର ଅକାଳ ମୃତ୍ୟୁରେ ପରିବାର ସଂପୂର୍ଣ୍ଣ ଭାବେ ଭାଙ୍ଗିପଡିଛନ୍ତି।

# ନାହୁଡ଼ିସରୁ ଜଙ୍ଗଲରେ ହାତୀ

**ଦାରିଙ୍ଗବାଡି,୨।୭(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବନାଞ୍ଚଳ ଅନ୍ତର୍ଗତ ନାହୁଡ଼ିସରୁ ଜଙ୍ଗଲରେ ଦନ୍ତା ହାତୀ ଦେଖିବାକୁ ମିଳିଛି। ଜଙ୍ଗଲରେ ହଠାତ ହାତୀ ଦେଖି ଗ୍ରାମବାସୀ ଭୟଭୀତ ହୋଇପଡିଥିଲେ । ଏହାପରେ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇଁ ବନାଞ୍ଚଳ ଅଧିକାରୀ ତଥା ଏସିଏଫ ସତିଶ କୁମାର ଧାରୁଆ, ବନପାଳ ରବି ମୋହନ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ହାତୀର ଗତିବିଧି ଉପରେ ବନ କର୍ମଚାରୀ ନଜର ରଖିଥିବା ବେଳେ ପଣ୍ଡାଖୋଲ ଜଙ୍ଗଲରୁ ହାତୀବାଟ ଭୁଲି ଉକ୍ତ ଅଞ୍ଚଳକୁ ଚାଲି ଆସିଥିବା ସନ୍ଦେହ କରାଯାଉଥିବା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି ।

# ଆମ ପୁଲିସ ସମିତିର ଆଲୋଚନା ସଭା



**ଦିଗପହଣ୍ଡି,୨।୭(ସମିସ):** ଦିଗପହଣ୍ଡି ଥାନା ଆଇଆଇସି ବାବାଶଙ୍କର ସରାଫଙ୍କ ଅଧ୍ୟକ୍ଷତାରେ ସୋମବାର ଥାନା ପରିସରରେ ଆମ ପୁଲିସ ସମିତିର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଗପହଣ୍ଡି ଥାନା ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଅପରାଧ ନିୟନ୍ତ୍ରଣ ଦିଗରେ ସଚେତନ ନାଗରିକଙ୍କ ସହଯୋଗ ଲୋଡ଼ାଯିବା ସହ ନୂତନ ଫୌଜଦାରୀ ଆଇନ କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ମଧ୍ୟ ସୃଷ୍ଟି କରାଯାଇଥିଲା। ଖେମୁଣ୍ଡି ଓକିଲ ସଂଘର ସଭାପତି ହରପ୍ରସାଦ ରଥ, କ୍ୟାଡର ଏପିପି ବିପ୍ଳବ କୁମାର ମୁଦୁଲି ଏବଂ ବରିଷ୍ଠ ଆଇନଜୀବୀ ପରେଶ ଚନ୍ଦ୍ର ରଥ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମରେ ସମାଜର ସବୁ ବର୍ଗର ଲୋକଙ୍କୁ ସଠିକ ଓ ଶୀଘ୍ର ନ୍ୟାୟ ଯୋଗାଇଦେବା ବ୍ୟବସ୍ଥା ରହିଥିବା ଅତିଥି ବୃନ୍ଦ ମତପ୍ରକାଶ କରିଥିଲେ। ଏସ୍ଆଇ ଦୁଷ୍ମନ୍ତ କୁମାର ପ୍ରଧାନ, ଏଏସଆଇ ଅଜୟ କୁମାର ନାୟକ, ନିଗମ ପ୍ରଧାନ, ନରସିଂହ ପାଣି ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଦିଗପହଣ୍ଡି ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାଉନସିଲର ନୀଳମାଧବ ଗୌଡ଼, ସୁନିଲ କୁମାର ପଣ୍ଡା, କରିସ୍ମା ନାୟକ, ସରପଞ୍ଚ ଫନିନ୍ଦ୍ର ଗୋସ୍ୱାମୀ, ଲିଙ୍ଗରାଜ ଦୋରା, ଶିବରାମ ପ୍ରଧାନ, ବି. କ୍ରିଷ୍ଣାରାଓ ସୁବୁଦ୍ଧି, ବି. ଶ୍ୟାମଘନ, ଯୋଗେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିନାୟକ ଆଚାର୍ଯ୍ୟ କଲେଜରେ ୨୫ ଅତିଥି ଅଧ୍ୟାପକ ନିଯୁକ୍ତି

**ବ୍ରହ୍ମପୁର,୨।୭(ସମିସ):** ଚଳିତ ଶିକ୍ଷାବର୍ଷ ପାଇଁ ବିନାୟକ ଆଚାର୍ଯ୍ୟ କଲେଜରେ ୟୁଜି ଓ ପିଜିକୁ ସମେତ ୧୨ବିଭାଗରେ ୨୫ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଛନ୍ତି। ଖାଲି ପଡିଥିବା ପଦ ଓ କଲେଜରେ ଶିକ୍ଷାଦାନ ବ୍ୟବସ୍ଥାକୁ ତ୍ୱରିତ କରିବା ପାଇଁ କଲେଜ ପକ୍ଷରୁ ଏହି ନିଯୁକ୍ତି ହୋଇଛି। ଏଥିମଧ୍ୟରୁ ଉଦଭିଦ ବିଜ୍ଞାନରେ ୩ଜଣ ନିଯୁକ୍ତି ପାଉଥିବା ବେଳେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଜୀବ ବିଜ୍ଞାନ, ବାଣିଜ୍ୟ, ଅର୍ଥନିତୀରେ ଜଣେ ଲେଖାଏଁ ଅଧ୍ୟାପକ ନିଯୁକ୍ତି ହୋଇଛନ୍ତି। ସେହିପରି ଇତିହାସ ୪ଜଣ, ଇଂରାଜୀ ଓ ରାଜନୀତି ବିଜ୍ଞାନ ୩ଜଣ ଲେଖାଏଁ ଏବଂ ଓଡିଆ, ଦର୍ଶନ ଶାସ୍ତ୍ରରେ ଦୁଇ ଜଣ ଲେଖାଏଁ ଅଧ୍ୟାପକ ନିଯୁକ୍ତି ପାଇଥିବା ନେଇ କଲେଜ ବିଜ୍ଞପ୍ତିରୁ ପ୍ରକାଶ ପାଇଛି। ଜୁଲାଇ ୧ତାରିଖରେ ପ୍ରକାଶ ପାଇଥିବା ବିଜ୍ଞାପନ ପ୍ରକାରେ ଆସନ୍ତା ୭ଦିନ ଭିତରେ କାର୍ଯ୍ୟରେ ଯୋଗଦାନ ପାଇଁ ନିଯୁକ୍ତି ପାଇଥିବା ଅଧ୍ୟାପକଙ୍କୁ ନିର୍ଦ୍ଦେଶ ରହିଛି। ସେହିଭଳି ୧୨ବିଭାଗରେ ନିଯୁକ୍ତି ନିମନ୍ତେ ୨୪ଜଣ ଆବେଦନକାରୀଙ୍କୁ ୱେଟିଂ ଲିଷ୍ଟିରେ ରଖାଯାଇଥିବା କଲେଜ ପକ୍ଷରୁ ସୂଚନା ମିଳିଛି।

# ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର,୨।୭(ସମିସ):** ବଡବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହି ୧୧ ନଂ ଲାଇନରେ ଜଣେ ଯୁବକ ନିଜ ଘର ଭିତରେ ଆତ୍ମହତ୍ୟା କରିଛନ୍ତି । ଯୁବକ ଜଣଙ୍କ ହେଲେ ମନୋଜ କୁମାର ବେହେରା(୩୨) । ଖବରପାଇ ବଡବଜାର ପୁଲିସ ଘଟଣସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ସେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ ।

# ବିଭିନ୍ନ ଥାନାରେ ନୂତନ ଅପରାଧିକ ଆଇନ ସମ୍ପର୍କୀୟ ସଚେତନତା



**ବ୍ରହ୍ମପୁର,୨।୭(ସମିସ):** ସୋମବାର ଠାରୁ ଦେଶରେ କାର୍ଯ୍ୟକାରୀ ହୋଇଛି ନୂଆ ଆଇନ ବ୍ୟବସ୍ଥା। ବ୍ରହ୍ମପୁର ଏସପି ଡ଼ା ସାର୍ଥକ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ବ୍ରହ୍ମପୁର ପୁଲିସ ଜିଲ୍ଲାର ସମସ୍ତ ଥାନାରେ ନୂତନ ଅପରାଧିକ ଆଇନ ସମ୍ପର୍କୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର, ଆଇନଜୀବୀ, ବରିଷ୍ଠ ନାଗରିକ, ନିର୍ବାଚିତ ଲୋକପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଜନତାଙ୍କୁ ନୂଆ ୩ଟି ଆଇନ ସମ୍ପର୍କରେ ଅବଗତ କରାଯାଇଥିଲା। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ସଂପର୍କରେ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଦେଢଶହ ବର୍ଷ ପୁରୁଣା ତଥା ବ୍ରିଟିଶ ଅମଳର ଆଇନକୁ ରଦ୍ଦ କରି କିପରି ପ୍ରତ୍ୟେକ ପୀଡିତଙ୍କୁ ସୁନିଶ୍ଚିତ ନ୍ୟାୟ ପ୍ରଦାନ, ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟ, ତ୍ୱରିତ ନ୍ୟାୟ ପାଇଁ ସଠିକ ସମୟରେ ମାମଲାର ଶୁଣାଣି, ଅନଲାଇନ ଏଫଆଇଆର ସୁବିଧା, ଡିଜିଟାଲ ପ୍ରମାଣର ବ୍ୟବହାର, ସଂଗଠିତ ଅପରାଧିକ ଆଇନରେ ଅନ୍ତର୍ଭୁକ୍ତ କାରଣ, ସ୍ୱଷ୍ଟ ଓ ସ୍ୱଚ୍ଛ ଅନୁସନ୍ଧାନ ପାଇଁ ସାକ୍ଷୀର ବିବୃତି ଏବଂ ଯାଞ୍ଚର ଅଡିଓ ଭିଡିଓ ରେକର୍ଡିଂ ବିଷୟ ଉପରେ ଆଲୋଚନା ହୋଇଥିଲା। ଏହା ସହ ଅଭିଯୋଗକାରୀ ଚାହିଁଲେ ଯେକୌଣସି ସ୍ଥାନରେ ଅନଲାଇନ, ହ୍ୱାଟସଆପ, ଫୋନ ଏବଂ ମେସେଜ ମାଧ୍ୟମରେ ନିକଟସ୍ଥ ଥାନାରେ ଏତଲା ଦରଜ କରିପାରିବେ। ସେହିପରି ଫୋନ କିମ୍ବା ହ୍ୱାଟ୍ସଆପ ଦ୍ୱାରା ପୁଲିସ ସମନ ମଧ୍ୟ ପଠାଇ ପାରିବ। ଥାନାରେ ସମସ୍ତ ଅଭିଯୋଗର ତଦନ୍ତ କରାଯିବା ସହ ଥାନାର ଡିସପ୍ଲେ ମାଧ୍ୟମରେ ପ୍ରତ୍ୟେକ ଦିନର କେସ ବିବରଣୀ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶନ କରାଯିବ। ନୂତନ ଆଇନ ବ୍ୟବସ୍ଥା ଅନୁଯାୟୀ ମହିଳା, ଶିଶୁ, ନାବାଳକ, ଷାଠିଏ ବର୍ଷରୁ ଉର୍ଦ୍ଧ ବୟସ୍କ, ଭିନ୍ନକ୍ଷମ ଓ ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କୁ ସାକ୍ଷୀ ଓ ତଦନ୍ତ ପାଇଁ ଥାନାରେ ହାଜର ହେବାରୁ ବାଦ ଦିଆଯାଇଥିବା ବେଳେ ସେମାନେ ଇଚ୍ଛା ମୁତାବକ ପୁଲିସକୁ ସହାୟତା ପ୍ରଦାନ କରିପାରିବେ। ଏହି ନୂଆ ଆଇନ ବ୍ୟବସ୍ଥା ପ୍ରଣୟନ ଦ୍ୱାରା ପୁଲିସର କାର୍ଯ୍ୟଦକ୍ଷତା ବଢିବା ସହ ନ୍ୟାୟିକ ବ୍ୟବସ୍ଥାର ସରଳୀକରଣ ହେବାକୁ ଯାଉଥିବା ଯୋଗୁଁ ସାଧାରଣ ଜନତା ଏହାର ତ୍ୱରିତ ସୁଫଳ ପାଇପାରିବେ। ଟାଉନ ଥାନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଲୋକେ ନିଜ ନିଜ ଅଞ୍ଚଳରେ ଦେଖିବାକୁ ମିଳୁଥିବା ବେଆଇନ କାର୍ଯ୍ୟ କଳାପ ଉପରେ ପୁଲିସକୁ ଜଣାଇଥିଲେ। ଅଧିକାରୀ ପ୍ରଶାନ୍ତ ନାୟକ ସମସ୍ତ ବିଷୟକୁ ଗୁରୁତର ସହ ଗ୍ରହଣକରି ନୂତନ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ସେହିପରି ବୈଦ୍ୟନାଥପୁର, ନିମଖଣ୍ଡି,ଗୋଷାଣିନୂଆଗାଁ , ବଡ଼ବଜାର, ଗୋପାଳପୁର, ଗୋଳନ୍ଥରା, ସଦର, ଦିଗପହଣ୍ଡି, କେ. ନୂଆଗାଁ, ମହିଳା ଥାନା ସମେତ ଅନ୍ୟାନ୍ୟ ଥାନା ଓ ଫାଣ୍ଡିରେ ନୂତନ ଅପରାଧିକ ଆଇନ ସମ୍ପର୍କୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପରୋକ୍ତ ଥାନା ଗୁଡିକରେ ଥାନା ଅଧିକାରୀ ଉପସ୍ଥିତ ରହିଥିବା ବେଳେ ସମସ୍ତ କର୍ମଚାରୀ ଏଥିରେ ସହଯୋଗ ପ୍ରଦାନ କରିଥିଲେ।

# ବିଲରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

**ବ୍ରହ୍ମପୁର, ୨।୭ (ସମିସ):** ସ୍ଥାନୀୟ ରତନପୁର ନୃସିଂହ ମନ୍ଦିର ଠାରୁ ଜଗଦଳପୁର ଯିବା କେନାଲ ରାସ୍ତା ନିକଟସ୍ଥ ବିଲରୁ ମଙ୍ଗଳବାର ପୂର୍ବାହ୍ନରେ ସଦର ଥାନା ପୁଲିସ ଏକ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକଙ୍କ ପରିଚୟ ସ୍ପଷ୍ଟ ହୋଇନଥିବା ବେଳେ ବୟସ ପାଖାପାଖି ୨୫ରୁ ୩୫ ହେବ ବୋଲି ଅନୁମାନ କରାଯାଇଛି। ସୂଚନାଯୋଗ୍ୟ ଯେ, ରତନପୁର ନୃସିଂହ ମନ୍ଦିର ଠାରୁ ଜଗଦଳପୁର ଯିବା କେନାଲ ରାସ୍ତା ନିକଟସ୍ଥ ଏକ ବିଲ ମଧ୍ୟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଖବରପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିଥିଲା। ମୃତ ଯୁବକଙ୍କୁ ଅନ୍ୟ କେଉଁସ୍ଥାନରେ ହତ୍ୟା କରାଯାଇ ଏଠାରେ ପକାଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ସନ୍ଦେହ କରାଯାଉଛି। ସଦର ଥାନା ଅଧିକାରୀ ଓ ଏସଡିପିଓ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହକୁ ଜବତ କରିବା ସହ ଏକ ଅପମୃତ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ ସୂଚନା ଦେଇଛନ୍ତି। ମୃତ ଯୁବକଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ବେଳେ ଯୁବକଙ୍କ ପରିଚୟ ମିଳିପାରିନାହିଁ। ପରିଚୟ ସ୍ପଷ୍ଟହେଲେ କାହା ସହ ଶତ୍ରୁତା ରହିଥିଲା ଏବଂ ତାଙ୍କର ହତ୍ୟା ପଛରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହା ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।



# ରେଳଷ୍ଟେସନ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ



**ବ୍ରହ୍ମପୁର, ୨।୭ (ସମିସ):** ସ୍ଥାନୀୟ ରେଳ ଷ୍ଟେସନ ସମ୍ମୁଖରେ ଜବର ଦଖଲ ଉଚ୍ଛେଦ କରାଯାଇଛି। ସୂଚନା ପ୍ରକାରେ ସରକାରୀ ରେଳବାଇ ସ୍ଥାନରେ କିଛି ବ୍ୟକ୍ତି ଜବରଦଖଲ କରି ଅସ୍ଥାୟୀ ଭାବେ ଘର କରିଥିଲେ। ରେଳ ବିଭାଗ ପକ୍ଷରୁ ଜବରଦଖଲକାରୀଙ୍କୁ ବାରମ୍ବାର ସୂଚନା ଦିଆଯାଇଥିଲେ ହେଁ ମଧ୍ୟ ସେମାନେ ସେଠାରୁ ଖାଲି କରିନଥିଲେ। ଫଳରେ ବିଭାଗ ବାଧ୍ୟ ହୋଇ ମଙ୍ଗଳବାର ରେଳବାଇ ୱାର୍କ ଡ଼ିପାର୍ଟମେଣ୍ଟ ପକ୍ଷରୁ ଆରପିଏଫ ଓ ଜିଆରପି ପୁଲିସ ସହାୟତାରେ ୭ଜଣ ଜବର ଦଖଲକାରୀଙ୍କ କବଳରୁ ଉକ୍ତସ୍ଥାନକୁ ମୁକ୍ତ କରାଯାଇଛି।

# ଜିଲ୍ଲା ଭାରୋତ୍ତୋଳନ ସଂଘର ନୂତନ କର୍ମକର୍ତ୍ତା ଚୟନ



**ବ୍ରହ୍ମପୁର, ୨।୭ (ସମିସ):** ସ୍ଥାନୀୟ ଗୋଷାଣୀନୂଆଗାଁ କାଳୁଆ ମନ୍ଦିର ପରିସରରେ ଜିଲ୍ଲା ଭାରୋତଳନ ସଂଘର ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିରଷ୍ଠ ଭାରୋତଳନ ପ୍ରଶିକ୍ଷକ ତଥା ରାଜ୍ୟ ଭାରତୋଳନ ସଂଘର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ। ସଂଘର ନୂତନ ସଭାପତି ଭାବେ କୁମୁଦ ଚନ୍ଦ୍ର ସାହୁଙ୍କୁ ଚୟନ କରାଯାଇଥିବା ବେଳେ ସାଧାରଣ ସମ୍ପାଦକ ସୁଧୀର କୁମାର ପାତ୍ର, କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ଦାସ, ଉପସଭାପତି ଗାଗାରିନ ନାୟକ, ଉଦୟନାଥ ସେଠୀ, କେ.କୁରୁମା ରାଓ, ରମେଶ ପାଢ଼ୀ, ପ୍ରଦୀପ ସାହାଣୀ, ଦିଲ୍ଲୀପ ବେହେରା ନିର୍ବାଚିତ ହୋଇଥିଲେ। ଜିଲ୍ଲା ସଂଗଠନ ପକ୍ଷରୁ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା।

# ମହାମାୟୀ ମହିଳା ମହାବିଦ୍ୟାଳୟରେ ବନ ମହୋତ୍ସବ

**ବ୍ରହ୍ମପୁର, ୨।୭ (ସମିସ):** ମହାମାୟୀ ମହିଳା ମହାବିଦ୍ୟାଳୟ ପକ୍ଷରୁ 'ବନ ମୋହୋତ୍ସବ' ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା କବିତା ଶତପଥିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ



ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଯୋଗଦେଇ ବୃକ୍ଷରୋପଣ ବନ ମୋହୋତ୍ସବକୁ ଶୁଭାରମ୍ଭ କରିଥିଲେ। ଗୋଟିଏ ଗଛ ମା'ଙ୍କ ନାମରେ ବିଷୟ ବସ୍ତୁକୁ ନେଇ ବୃକ୍ଷରୋପଣର କରିବା ସହ ଏହାର ମହତ କାର୍ଯ୍ୟ ବୋଲି ବିଧାୟକ କହିଥିଲେ। ଏ ଅବସରରେ କଲେଜ ପିରସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡ. ଜୟନ୍ତୀ ରାଣୀ ପଣ୍ଡା, ଜାତୀୟ ସେବା ଯୋଜନା ଅଧିକାରିଣୀ ସମିତା ସାହୁଙ୍କ ମସେତ କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# ଶିରିଡ଼ି ସାଇବାବାଙ୍କ ନୂତନ ବିଗ୍ରହ ଓ ଗୁରୁପୀଠ ପ୍ରତିଷ୍ଠା ଉତ୍ସବ

**ବ୍ରହ୍ମପୁର, ୨।୭ (ସମିସ):** ସ୍ଥାନୀୟ ଗୋଷାଣିନୂଆଗାଁ ଓମ ବିହାରରେ ଶ୍ରୀ ଶିରିଡି ସାଇବାବାଙ୍କ ନୂତନ ବିଗ୍ରହ ଓ ଗୁରୁପୀଠ ପ୍ରତିଷ୍ଠା ଉତ୍ସବ ଜାରି ରହିଛି। ମଙ୍ଗଳବାର ଠାରୁ ତିନିଦିନ ଧରି ଏହା ଚାଲୁ ରହିବ। ପ୍ରଥମ ଦିନରେ ଜଳଯାତ୍ରା, ମଣ୍ଡଳାଧିବାସ ଓ ଅଙ୍କୁର ରୋପଣ ଅନୁଷ୍ଠିତ ହୋଇଥିଲା। ବୁଧବାର ଦିନ ପ୍ରତିଷ୍ଠାମ୍ବର, ବ୍ରାହ୍ମଣ ବରଣ, ମଣ୍ଡଳ ପୂଜା, ଅଗ୍ନି ସ୍ଥାପନ, ଅଧିବାସ, ସ୍ନାନ, ଘୃତଯଜ୍ଞ ଓ ନମଯଜ୍ଞ ଆଦିର କାର୍ଯ୍ୟକ୍ରମ ରହିଛି। ସେହିପରି ଶେଷଦିନରେ ଅର୍ଥାତ୍ ଗୁରୁବାର ଦିନ ପୂର୍ଣ୍ଣାହୁତି ହେବ ବୋଲି ଶିରିଡି ସାଇବାବା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଷ୍ଠା ଉତ୍ସବରେ ବହୁ ସଂଖ୍ୟାରେ ଉଭୟ ମହିଳା ଓ ପୁରୁଷ ଭକ୍ତ ଯୋଗଦେଇ ଥିଲେ।

# ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଯୁବକ କୋର୍ଟଚାଲାଣ

**ବ୍ରହ୍ମପୁର, ୨।୭ (ସମିସ):** ଜନୈକା ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ କରିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜିତୁ ମହାରଣା ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ଜୟପୁର ବସଷ୍ଟାଣ୍ଡରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି। ସେହିପରି ଅଭିଯୁକ୍ତ ଓ ପିଡ଼ିତାଙ୍କ ଡାକ୍ତରୀ ମାଇନା କରି ପୁଲିସ ପିଡ଼ିତାଙ୍କ ବୟାନ ରେକର୍ଡ କରିଛି। ସୂଚନାଯୋଗ୍ୟ ଯେ, ଗତ ୨୬ତାରିଖରେ ବଡବଜାର ଥାନା ଅଞ୍ଚଳର ଜୈନିକା ନାବାଳିକା(୧୫) ନିଖୋଜ ଥିବା ନେଇ ତାଙ୍କ ପରିବାର ପକ୍ଷରୁ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତବେଳେ ଜିତୁ ମହାରଣା ନାମକ ଜଣେ ଯୁବକ ଉକ୍ତ ନାବାଳିକାଙ୍କୁ ପ୍ରଲୋଭିତ କରି ବାଇକରେ ବସାଇ ଅପହରଣ କରିନେଇଥିବା ନେଇ ପୁଲିସ ଜାଣିପାରିଥିଲା। ପରେ ପୁଲିସ ଜିତୁଙ୍କ ମୋବାଇଲ୍ ଟ୍ରାକିଂ କରିଥିଲା। ଏହି ସମୟରେ ଜିତୁଙ୍କ ଅବସ୍ଥିତି ଜୟପୁର ସହରରେ ଥିବା ପୁଲିସ ଜାଣିବାକୁ ପାଇଥିଲା। ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ରଞ୍ଜିତ କୁମାର ଦାଶ ଓ ତାଙ୍କ ଟିମ ଜୟପୁରରେ ପହଞ୍ଚି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସ୍ଥାନୀୟ ବସଷ୍ଟାଣ୍ଡରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଜିତୁଙ୍କୁ କାବୁ କରିଥିଲା। ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ଅଭିଯୁକ୍ତ ଜିତୁ ତାଙ୍କୁ ଦୁଷ୍କର୍ମ କରିଥିବା ପୁଲିସ ତଦନ୍ତବେଳେ ଜଣାପଡ଼ିଥିଲା। ପରେ ପିଡ଼ିତା ଓ ଅଭିଯୁକ୍ତ ଜିତୁଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ମଙ୍ଗଳବାର ଜିତୁକୁ କୋର୍ଟଚାଲାଣ କରିଥିବା ପୁଲିସ କହିଛି।

# କେରଳ ଚାଲାଣବେଳେ ଟ୍ରେନରୁ ୫ ନାବାଳକ ଉଦ୍ଧାର

**ବ୍ରହ୍ମପୁର, ୨।୭ (ସମିସ):** ଟ୍ରେନଯୋଗେ କେରଳକୁ ଚାଲାଣ ହେଉଥିବା ବେଳେ ବ୍ରହ୍ମପୁର ରେଳବାଇ ପୁଲିସ ୫ଜଣ ନାବାଳକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ନାବାଳକଙ୍କ ବୟସ ୧୩ ରୁ ୧୪ବର୍ଷ ହେବ ବୋଲି ପୁଲିସ କହିଛି। କାମ କରିବା ପାଇଁ ତାମିଲନାଡୁ ଯାଉଥିଲେ ବୋଲି ପୁଲିସ ପଚରାଉଚରା ବେଳେ ଜାଣିବାକୁ ପାଇଛି। ଉଦ୍ଧାର ଶିଶୁମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ୪ଜଣ ଥିବାବେଳେ ବିହାରର ଜଣେ ନାବାଳକ ଥିବା ଜଣାପଡ଼ିଛି। ପରେ ସେମାନଙ୍କୁ ଶିଶୁମଙ୍ଗଳ କମିଟି (ସିଡବ୍ଲୁସି)ରେ ହାଜର କରାଯାଇଥିଲା। ସିଡବ୍ଲୁସିର ନିର୍ଦ୍ଦେଶରେ ସମସ୍ତ ନାବାଳକଙ୍କୁ ହଳଦିଆପଦର ସେଲଟର ରୁମରେ ରଖାଯାଇଛି। ଅନ୍ୟପଟେ ସେମାନଙ୍କ ପରିବାର ସହ ମଧ୍ୟ ଯୋଗାଯୋଗ କରାଯାଇଛି। ପିରବାର ଲୋକ ବ୍ରହ୍ମପୁରରେ ପହଞ୍ଚିବା ପରେ ଶିଶୁମାନଙ୍କୁ ସେମାନଙ୍କୁ ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ ଯେ, ଦେବ୍ରୁଗଡ଼-କନ୍ୟାକୁମାରୀ ଏକ୍ସପ୍ରେସରେ କିଛି ଶିଶୁ ଚାଲାଣ ହେଉଥିବା ନେଇ ସୂଚନା ପାଇଥିଲା ବ୍ରହ୍ମପୁର ସରକାରୀ ରେଳବାଇ ପୁଲିସ। ବ୍ରହପୁର ଷ୍ଟେସନରେ ଟ୍ରେନ ଅଟକିବା ପରେ ପୁଲିସ ସେହି ଶିଶୁମାନଙ୍କୁ ଉଦ୍ଧାର କରିଛି। ଉଦ୍ଧାର ନାବାଳକଙ୍କୁ କିଛି ଲୋକ ବାହାର ରାଜ୍ୟକୁ ଚାଲାଣ କରୁଥିବା ଜଣାପଡ଼ିବା ପରେ ସେମାନଙ୍କ ନିକଟରେ ଥିବା କିଛି ଲୋକଙ୍କୁ ପଚରାଉଚରା କରିଥିଲା। ତେବେ ଏଥିରେ କାହାରି ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇନଥିଲା।

**ଉତ୍ତରପ୍ରଦେଶରୁ ନାବାଳିକା ଅପହରଣ ଘଟଣା**

# ବ୍ରହ୍ମପୁରରୁ ଉଦ୍ଧାର ହେଲା ଅପହୃତା ନାବାଳିକା; ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର, ୨।୭ (ସମିସ)**

ଉତ୍ତରପ୍ରଦେଶର ଜଣେ ନାବାଳିକାଙ୍କୁ ଅପହରଣ କରି ବ୍ରହ୍ମପୁରକୁ ଆଣିଥିବା ଜଣେ ଯୁବକଙ୍କୁ ଉତ୍ତରପ୍ରଦେଶ ପୁଲିସ ଗିରଫ କରିଛି। ଉତ୍ତରପ୍ରଦେଶ ବଗପଥ ଜିଲ୍ଲା ଚାନ୍ଦିନଗର ଥାନାର ଏହି ସ୍ୱତନ୍ତ୍ର ପୁଲିସ ଟିମ ବ୍ରହ୍ମପୁରରେ ପହଞ୍ଚି ଖାଜାସାହିରୁ ସମ୍ପୃକ୍ତ ଯୁବକକୁ ଗିରଫ କରିବା ସହ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି। ଗିରଫ ଯୁବକ ଜଣକ ହେଲେ ବ୍ରହ୍ମପୁର ଖାଜାସାହିର ମହମ୍ମଦ ଅନୀଶ(୩୧)। ଅଭିଯୁକ୍ତ ଅନୀଶ ଏବଂ ସମ୍ପୃକ୍ତ ନାବାଳିକାଙ୍କ ମଧ୍ୟରେ ଅନଲାଇନ ଗେମ୍ ତଥା ପବଜି ଖେଳରୁ ସମ୍ପର୍କ ସ୍ଥାପନ ହୋଇଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ ଯେ, ଉତ୍ତରପ୍ରଦେଶର ଏହି ୧୪ବର୍ଷୀୟ ନାବାଳିକା ଜଣକ ଅନଲାଇନ ଗେମ୍ ପବଜି ଖେଳୁଥିବା ବେଳେ ଅଭିଯୁକ୍ତ ଅନୀଶ ମଧ୍ୟ ପବଜି ଖେଳୁଥିଲେ। ଅନଲାଇନରେ ଗେମ ଖେଳିବା ଭିତରେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା। ପରେ ଉଭୟ ମୋବାଇଲ ନମ୍ବର ଆଦାନପ୍ରଦାନ କରି କଥାବାର୍ତ୍ତା ଆରମ୍ଭ କରିଥିଲେ। କିଛିଦିନ କଥାବାର୍ତ୍ତା ହେବାପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା। ସେହିକ୍ରମରେ ଗତ ସପ୍ତାହରେ ଅଭିଯୁକ୍ତ ଅନୀଶ ଉତ୍ତରପ୍ରଦେଶ ଯାଇ ନାବାଳିକାଙ୍କୁ ସାକ୍ଷାତ କରିଥିଲେ। ଏହାପରେ ଅନୀଶ ସମ୍ପୃକ୍ତ ନାବାଳିକାଙ୍କୁ ଧରି ବ୍ରହ୍ମପୁରରେ ହାଉସିଂବୋର୍ଡ କଲୋନୀରେ ରଖିଥିଲା। ନାବାଳିକା ଜଣକ ନିଖୋଜ ହେବାପରେ ତାଙ୍କ ପରିବାର ପକ୍ଷରୁ ଉତ୍ତରପ୍ରଦେଶର ଚାନ୍ଦିନଗର ଥାନାରେ ଅଭିଯୋଗ କରାଯାଇଥିଲା। ସେଠାକାର ପୁଲିସ ଏକ ନିଖୋଜ ମାମଲା(ନଂ-୧୨୭/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ନାବାଳିକା ଏବଂ ସମ୍ପୃକ୍ତ ଯୁବକଙ୍କ ମୋବାଇଲ ନମ୍ବର ଟ୍ରାକିଂ କରାଯାଇଥିଲା। ସେଥିରୁ ନାବାଳିକା ଜଣକ ଓଡ଼ିଶାର ବ୍ରହ୍ମପୁର ସହରରେ ରହୁଥିବା ସେଠାକାର ପୁଲିସ ଜାଣିବାକୁ ପାଇଥିଲା। ପରେ ଚାନ୍ଦିନଗର ଥାନାର ଏସଆଇ ସୁଶିଲ କୁମାର ଓ ତାଙ୍କ ଟିମ ବ୍ରହ୍ମପୁରରେ ପହଞ୍ଚି ଟାଉନ ଥାନା ପୁଲିସର ସହାୟତାରେ ଅଭିଯୁକ୍ତ ଅନୀଶଙ୍କ ଘରେ ଚଢଉ କରାଯିବା ସହ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତ ଅନୀଶଙ୍କୁ ଗିରଫ କରି ବ୍ରହ୍ମପୁର ଏସଡିଜେଏମଙ୍କ କୋର୍ଟରେ ହଜାର କରାଯାଇଥିଲା। ୫ଦିନିଆ ଟ୍ରାଞ୍ଜିଟ ରିମାଣ୍ଡ ଆବେଦନ କରି କୋର୍ଟଙ୍କ ଅନୁମତି କ୍ରମେ ଉତ୍ତରପ୍ରଦେଶ ପୁଲିସ ଉଭୟଙ୍କୁ ନେଇ ଫେରିଛି। ଅଭିଯୁକ୍ତ ଅନୀଶଙ୍କୁ ସେଠାକାର ବାଗପଥ ଜିଲ୍ଲା ଏସିଜେଏମ କୋର୍ଟରେ ହଜାର କରାଯିବ ବୋଲି ପୁଲିସ କହିଛି।

# ଅସହାୟ ପଶୁର ଚିକିତ୍ସାରେ ସହାୟକ ହେଲେ ମେୟର ସଂଘମିତ୍ରା

**ବ୍ରହ୍ମପୁର, ୨।୭ (ସମିସ):** ସ୍ଥାନୀୟ ନେହୁରୁ ନଗର ସ୍ଥିତ ୯ମ ଗଳିରେ ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷରୋପଣ ବେଳେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଏକ ଅସହାୟ ପଶୁର ଚିକିତ୍ସା ନିମନ୍ତେ ସହାୟତାର ହାତ ବଢ଼ାଇଥିଲେ। ଉକ୍ତ ସ୍ଥାନରେ ଏକ କୁକୁର ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ମେୟର ଶ୍ରୀମତି ଦଳେଇ ଦେଖିବାକୁ ପାଇଥିଲେ। ଏହା ପରେ ସେ ପଶୁ ସହାୟକ ନମ୍ବର ୧୯୬୨କୁ ଯୋଗଯୋଗ କରି ଘଟଣା ସମ୍ପର୍କରେ ଜଣାଇବା ସହ ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀଙ୍କ ଦୃଷ୍ଟି ଗୋଚର କରିଥିଲେ। ଏହାର କିଛି ସମୟ ମଧ୍ୟରେ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟର ପ୍ରାଣୀ ଚିକିତ୍ସକ ଡା. ସତ୍ୟନାରାୟଣ କରଙ୍କ ସମେତ ଚିକିତ୍ସାଳୟର କର୍ମଚାରୀ ଦାଶରଥି ସ୍ୱାଇଁ, ସାଇରାମ ରେଡ୍ଡୀ ଓ ପ୍ରଣୟ ପ୍ରସାଦ ରେଡ୍ଡୀ ଘଟଣା ସ୍ଥଳରେ ପହଞ୍ଚି ଅସୁସ୍ଥ କୁକୁରଟିର ପ୍ରାଥମିକ ଚିକିତ୍ସା କରିଥଲେ। ଏହା ପରେ କୁକୁରଟିର ଉତ୍ତମ ଚିକିତ୍ସା ନିମନ୍ତେ ପ୍ରଣୀ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେହିପରି ଲାଞ୍ଜିପଲ୍ଲୀ ଗୁରୁକୁଳ ଇଣ୍ଟର ନ୍ୟାସନାଲ ସ୍କୁଲ ସମ୍ମୁଖରେ ଏକ ଗାଇକୁ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ଗାଇଟିର ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଘଟଣାକୁ ନେଇ ସ୍ଥାନୀୟ ଲୋକେ ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀଙ୍କ ସହ ଯୋଗାଯୋଗ କରିଥିଲେ। ଖବର ପାଇ ବ୍ରହ୍ମପୁର ପ୍ରାଣୀଚିକିତ୍ସାଳୟର ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ଆହାତ ଗାଇର ଚିକିତ୍ସା କରିଥିଲେ। ଉଭୟ ଅସୁସ୍ଥ କୁକୁର ଓ ଆହାତ ଗାଇର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାଡ଼ିଛି। ଏହି ସମୟରେ ପରିବେଶ ପ୍ରେମୀ ସୁବାଷ ମହାରଣା, ସମାଜସେବୀ ସାଇ ଶଙ୍କର ସାହୁ, ମୁନା କୁମାର ସାହୁଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।



# ରୋଟାରୀ ଇଷ୍ଟର ବିଭିନ୍ନ କାର୍ଯ୍ୟକ୍ରମ

**ବ୍ରହ୍ମପୁର, ୨।୭ (ସମିସ):** ରୋଟାରୀ ନୂତନ ବର୍ଷ ଜୁଲାଇ ପ୍ରଥମ ଠାରୁ ଆରମ୍ଭ ହୋଇ ଜୁନ୍ ୩୦ତାରିଖରେ ଶେଷ ହୋଇଥାଏ। ଏ ଅବସରରେ ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ନବ ନିର୍ବାଚିତ ସଭାପତି ଜୟନ୍ତ କିଶୋର ପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ସଂଗଠିତ ହୋଇଯାଇଛି। କ୍ଲବ ପକ୍ଷରୁ ଅନ୍ନପୂର୍ଣ୍ଣା ଦିବସ ଉପଲକ୍ଷେ ବ୍ରହ୍ମପୁର ସହର ଉପକଣ୍ଠ ସ୍ଥିତ ଆମ୍ବଗଡ଼ ଜରାନିବାସର ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ନିମନ୍ତେ ବ୍ୟବସ୍ଥରା କରାଯାଇଥିଲା। ସେହିପରି ବିଶ୍ୱ ଡାକ୍ତର ଦିବସ ଉପଲକ୍ଷେ ଡା. ସମ୍ବିତ ବେଗରାୟ, ଡା. ସମୀର ବାଗ୍, ଡା. ଅବନୀ କାନ୍ତ ମିଶ୍ର, ଡା. ସରୋଜ କୁମାର ଦାସ, ଡା. ଅଜିତ କୁମାର ସାହୁ, ଡା. ନକୁଳ ସାହୁ, ଡା. ନୀଳାଞ୍ଚଳ ସାହୁ, ଡା. ହୃଦାନନ୍ଦ ମହାପାତ୍ର ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ ଉପଲକ୍ଷେ ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭଗବାନ ପାଢ଼ୀ, ସୁଧାଂଶୁ ଶେଖର ସାବତ, କୃଷ୍ଣ ପ୍ରସାଦ ପାଢ଼ୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ କ୍ଲବର ପୂର୍ବତ୍ତନ ସଭାପତି ନାରସୁ ଜେନା, ପ୍ରୋଜେକ୍ଟ ଚେୟାରମ୍ୟାନ କାମରାଜୁ ମହାରଣା, ପୂର୍ବତନ ସଭାପତି ଗଦାଧର ରାଉଳ, ବି. କୁଶ ପାତ୍ର, ପ୍ରଦୀପ କୁମାର ପଣ୍ଡା, କ୍ଲବ ସମ୍ପାଦକ ଦୁର୍ଗା ରାଓ, ନୃସିଂହ ଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।




# ଖରିଫରେ ପରିବା ଚାଷ ବ୍ୟାପକ କରିବାକୁ ଖସଡ଼ା

**ସରକାରୀ ଭାବେ ୨୫ ଶହ ହେକ୍ଟର ଜମିରେ ପନିପରିବା ଚାଷ ଲକ୍ଷ୍ୟ**

**ଖରିଫରେ ବିଭିନ୍ନ ଫଳ ଚାଷକୁ ଗୁରୁତ୍ୱ; ରବିରେ ଟାର୍ଗେଟ ବଢ଼ିବ**

**ବ୍ରହ୍ମପୁର, ୨।୭ (ସମିସ)**



(ଫାଇଲ୍ ଫଟୋ)

କୃଷି ପ୍ରଧାନ ଜିଲ୍ଲା ଗଞ୍ଜାମରେ ପୁରୁଣା ଗୌରବ ଫେରେଇ ଆଣିବାକୁ ଉଦ୍ୟମ ହେଉଛି। ଯେଉଁ ଲକ୍ଷ୍ୟ, ଆଶା ନେଇ ଚାଷୀ ଏଠାରେ ଧାନ ସମେତ ପନିପରିବା ଚାଷ କରୁଥିଲେ, କାଳକ୍ରମେ ଏଥିରୁ ବିମୁଖ ହେଉଛନ୍ତି। ଏଣୁ ଚାଷୀଙ୍କୁ ଚାଷ କାର୍ଯ୍ୟପ୍ରତ ଅଧିକ ଆଗ୍ରହୀ କରାଯିବାକୁ ସରକାର ଓ କୃଷି ବିଭାଗ ଗୁରୁତ୍ୱ ଦେଉଛନ୍ତି। ବିଗତ ବର୍ଷ ମାନଙ୍କରେ ଗଞ୍ଜାମ ଜିଲ୍ଲାରେ ବ୍ୟାପକ ଧାନଚାଷ ହେଉଥିଲା। ହେଲେ ଗତ କିଛିବର୍ଷ ହେବ ଏଠାରେ ଅଣଧାନ ଚାଷକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ପନିପରିବା ଓ ଫଳମୂଳ ଚାଷକୁ ଅଗ୍ରାଧିକାର ଦିଆଯାଉଛି। ଫଳରେ ଗ୍ରାମାଞ୍ଚଳରେ ଏଗୁଡ଼ିକ ବ୍ୟାପକ ଚାଷ ହେବା ନେଇ ଆଶା ସଞ୍ଚାରିଛି। ସରକାରୀ ଯୋଜନାର ସଫଳ ରୂପାୟନ ସହ ଉଦ୍ୟାନ କୃଷି ବିଭାଗ ଓ ବିଭିନ୍ନ ଏଜେନ୍ସିଙ୍କ ସହଯୋଗରେ ପୂର୍ବ ବର୍ଷ ମାନଙ୍କ ଭଳି ଚଳିତବର୍ଷ ମଧ୍ୟ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପାରମ୍ପରିକ ପଦ୍ଧତିରେ ଉଦ୍ୟାନ କୃଷିକୁ ଅଧିକରୁ ଅଧିକ ପ୍ରୋତ୍ସାହନ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ସରକାରୀ ଭାବେ ଯାହା ଚାଷ ହେଉଛି ତାହାଠାରୁ ତିନିଗୁଣ ଅଧିକା ବେସରକାରୀ ଭାବେ ମଧ୍ୟ ପନିପରିବା ଚାଷ ହେବ ବୋଲି ବିଭାଗ ପୁର୍ବାନୁମାନ କରୁଛି। ଏହିକ୍ରମରେ ଚଳିତବର୍ଷ ଜିଲ୍ଲାର ବିଭିନ୍ନ ବ୍ଲକରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୨୫୦୦ହେକ୍ଟର ଜମିରେ ବିଭିନ୍ନ ପନିପରିବା ଚାଷ କରିବାକୁ ଲକ୍ଷ୍ୟ କରାଯାଇଛି। ମନରେଗା ମାଧ୍ୟମରେ ସହଯୋଗ ରାଶି ପ୍ରଦାନ କରି ଏଥିରେ ଶ୍ରମଦିବସ ସୃଷ୍ଟି କରିବାକୁ ମଧ୍ୟ ଉଦ୍ୟମ ରଖାଯାଇଛି। ସେହିଭଳି ବେସକରୀ ଭାବେ ମଧ୍ୟ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଖରିଫ ଋତୁରେ ପନିପରିବା ଚାଷ ହେଉଥିବା ଜଣାଯାଇଛି। ସେହିଭଳି ବିଭାଗ ପକ୍ଷରୁ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଚଳିତ ଖରିଫରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୫୦ହେକ୍ଟର ଜମିରେ ଆମ୍ବ ଚାଷ, ୮୦୦ହେକ୍ଟର ଜମିରେ କାଜୁ ବାଦାମ, ୫୦ହେକ୍ଟର ଜମିରେ ନଡ଼ିଆ, ୧୦ହେକ୍ଟରରେ ପିଜୁଳି, ୨୬ହେକ୍ଟର ଜମିରେ ଶଙ୍କର ଜାତୀୟ ବରକୋଳି ଓ ୨୦ହେକ୍ଟର ଜମିରେ ଅନ୍ୟାନ୍ୟ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିଭଳି ଓପିକରା ପକ୍ଷରୁ ୬୪୬ହେକ୍ଟର ଜମିରେ ଶଙ୍କର ଜାତୀୟ ପନିପରିବା ଚାଷ କରିବାକୁ ଧାର୍ଯ୍ୟ ହୋଇଛି। ଏତତବ୍ୟତୀତ ଅନେକ ଚାଷୀ ମଧ୍ୟ ସେମାନଙ୍କ ନିଜ ଉଦ୍ୟମରେ ଚାଷ କରିଥାନ୍ତି। ସେହିଭଳି ୧୨ହେକ୍ଟର ଜମିରେ କଞ୍ଚାଲଙ୍କା, ୪୦୦ହେକ୍ଟର ଜମିରେ ଧନିଆ, ୫୦ହେକ୍ଟର ଜମିରେ ଓଦା, ୫୦୦ହେକ୍ଟର ଜମିରେ ହଳଦୀ ଚାଷ, ୧୦୦ହେକ୍ଟର ଜମିରେ ଗୋଲ ମରିଚ, ସେହିପରି ଡ୍ରାଗନ ଫ୍ରୁଟସ ସହିତ ଅନ୍ୟାନ୍ୟ ଚାଷ କରାଯିବାକୁ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସାଧାରଣତଃ ଗଞ୍ଜାମ ଜିଲ୍ଲାରେ ଖରିଫରେ ପ୍ରବଳ ମାତ୍ରାରେ ଧାନଚାଷ ହେଉଥିବା ବେଳେ ରବି ଋତୁରେ ପନିପରିବା, ଫଳମୂଳ ସମେତ ଅନ୍ୟାନ୍ୟ ଚାଷ ବ୍ୟାପକ ହୋଇଥାଏ। ସେହିଭଳି ତୈଳବୀଜ ଚାଷକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥାଏ। ଏହିକ୍ରମରେ ୨୦୨୩/୨୪ଖରିଫରେ ପୂର୍ବବର୍ଷ ଅପେକ୍ଷା ଭଲ ପରିମାଣରେ ପନିପରିବା ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ସରକାରୀ ଅପେକ୍ଷା ବେସରକାରୀ ଭାବେ ମଧ୍ୟ ୫ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ବିଭିନ୍ନ ଚାଷ କରାଯିବାର ନଜିର ରହିଛି। ଏମାନଙ୍କୁ ସରକାରଙ୍କ ପକ୍ଷରୁ ବୈଷୟିକ ସହଯୋଗ ପ୍ରଦାନ କରାଯାଉଥିବା ପ୍ରକାଶ। ଚଳିତବର୍ଷ ଗଞ୍ଜାମରେ ଏଯାଏଁ ଆଖିଦୃଶିଆ ବର୍ଷା ହୋଇନାହିଁ। ମୌସୁମୀର ବିଳମ୍ବ ଆଗମନ ଚାଷୀଙ୍କୁ ବ୍ୟଥିତ କରିଛି। ବର୍ଷା ହେବା ମାତ୍ରେ ଚାଷ କାର୍ଯ୍ୟ ଆଗେଇବ ବୋଲି ଜଣାଯାଇଛି।

# ମା' ପରମେଶ୍ୱରୀଙ୍କ ମହାଲକ୍ଷ୍ମୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବ୍ରହ୍ମପୁର, ୨।୭ (ସମିସ):** ସ୍ଥାନୀୟ ଶିଳ୍ପାଞ୍ଚଳ ସ୍ଥିତ ସୁଭାଷ ନଗର ୧ମ ଲାଇନରେ ମା' ପରମେଶ୍ୱରୀଙ୍କ ମହାଲକ୍ଷ୍ମୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୁନ ୩୦ତାରିଖଠାରୁ ଚଳିତ ମାସ ୩ତାରିଖ ଯାଏଁ ଉକ୍ତ ଉତ୍ସବ ଚାଲୁ ରହିବ। ପ୍ରଥମ ଦିନରେ ଦୀକ୍ଷା ଗ୍ରହଣ, ମଣ୍ଡଳଧିଶ ଓ ଅଙ୍କୁରାରୋପଣ କାର୍ଯ୍ୟବିଧି ଯଥାରୀତି ସମ୍ପନ୍ନ ହୋଇଥିଲା। ସୋମବାର କର୍ମ ଆରମ୍ଭ ସହିତ ବ୍ରାହ୍ମଣ ବରଣ, ସୂର୍ଯ୍ୟ ପୂଜା, ଶାଳ ପୂଜା, ଦେବ ସ୍ନାନ ହୋମ ଅନୁଷ୍ଠିତ ହୋଇଥିଲା। ସେହିପରି ମଙ୍ଗଳବାର ହୋମ, ସ୍ନାନ ଓ ଦେବତାଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଆସନ୍ତା ଦିନରେ ନାମଯଜ୍ଞ, ଅନ୍ନ ଯଜ୍ଞ, ଦେବତା ନଗର ପରିକ୍ରମା, ମା'ଙ୍କ ସିଂହାସନ ଓ ଆରୋହଣ ପୂର୍ଣ୍ଣାହୁତି ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ସଭାପତି ପ୍ରଶାନ୍ତ ମହାପାତ୍ର ଏବଂ ସମ୍ପାଦିକା ଅନିତା କୁମାରୀ ପାଢ଼ୀ ଯୋଗ ଦେଇଥିବା ବେଳେ ମୁଖ୍ୟ ପୁରୋଧା ଭାବରେ କାର୍ଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ମା'ଙ୍କ ଆର୍ଶୀବାଦ ଲାଭ କରିଥିଲେ।

### ସୈନିକ ସ୍କୁଲ ପ୍ରତିଷ୍ଠା ଦାବି

## ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର

ଛତ୍ରପୁର, ୨।୭(ସମିସ): ଛତ୍ରପୁର ଠାରେ ସୈନିକ ସ୍କୁଲ ପ୍ରତିଷ୍ଠା ନିମନ୍ତେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ଗଞ୍ଜାମ ଜିଲ୍ଲା ବିଜେପି ଲିଗାଲ ସେଲ୍‌ର ଆବାହକ ପ୍ରଦୀପ କୁମାର ପାଢ଼ୀ। ଏନେଇ ସେ ଭୁବନେଶ୍ୱର ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିବା ସହ ଅନୁରୋଧ କରିଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ସୁପାରିଶ କ୍ରମେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବିଜେପି ଲିଗାଲ ସେଲର ଆବାହକ ଶ୍ରୀ ପାଢ଼ୀ ପ୍ରେସ୍ ରିଲିଜ ମାଧ୍ୟମରେ ସୂଚନା ଦେଇଛନ୍ତି। ସେହିପରି ଛତ୍ରପୁରର ଅଳ୍ପ ଦୂରରେ ଗୋଳାବନ୍ଧ ଆର୍ମି ଡେଫେନ୍ସ କଲେଜ ଥିବା ଯୋଗୁଁ ଏଠାକାର ପରିବେଶ ଅନୁକୂଳ ରହିଛି। ଗମନା ଗମନ ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସୁବିଧା ଥିବା ଯୋଗୁଁ ଛତ୍ରପୁର ଠାରେ ସୈନିକ ସ୍କୁଲ ପ୍ରତିଷ୍ଠା ହେଲେ ଗଞ୍ଜାମ ଜିଲ୍ଲା ସମେତ ୧୦ଟି ଜିଲ୍ଲାର ଛାତ୍ରଛାତ୍ରୀ ମାନେ ଉପକୃତ ହୋଇପାରିବେ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

## ନୂଆ ଆଇନ ଲାଗୁ ନେଇ କର୍ମଶାଳା



ବୁଗୁଡା, ୨।୭(ସମିସ): ସ୍ଥାନୀୟ ଥାନା ପୁଲିସ ପକ୍ଷରୁ ନୂତନ ଅପରାଧିକ ଆଇନ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଏସ୍‌ଆଇ ଅର୍ଜୁନ କଅଁର ଓ ଜ୍ୟୋତିଶ୍ରୀ ସାହୁ, ବାଲିପଦର ଫାଣ୍ଡି ଅଧିକାରୀ କେ. ନିଳାଦ୍ରୀ ରେଡି ପ୍ରମୁଖ ଅଂଶଗ୍ରହଣ କରି ନୂତନ ଆଇନ ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଏ ଅବସରରେ ନୂତନ ଆଇନ ପୁସ୍ତିକାକୁ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

# ପାଟ୍ରୋଲିଂ ବେଳେ ୧୪୩ କେଜି ଗଞ୍ଜେଇ ଜବତ



ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨।୭(ସମିସ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ପୁଲିସକୁ ପୁଣି ଏକ ବଡ଼ ସଫଳତା ମିଳିଛି। ଜଙ୍ଗଲରେ ପାଟ୍ରୋଲିଂ ବେଳେ ୧୪୩ କେଜି ଗଞ୍ଜେଇ ଜବତ ହୋଇଥିବା ଥାନା ଅଧିକାରୀ ଚିରଞ୍ଜୀବି ବେହେରା କହିଛନ୍ତି। ହେଲେ ପୁଲିସ ଘଟଣାରେ ସମ୍ପୃକ୍ତ କାହାରିକୁ ଗିରଫ କରିପାରି ନାହିଁ। ଅନ୍ୟପକ୍ଷେ ଜଙ୍ଗଲରେ ସର୍ଚ୍ଚ ଅପରେସନକୁ ଜୋରଦାର କରିବା ସହ ତଦନ୍ତ କରୁଥିବା ପୁଲିସ ପକ୍ଷରୁ କୁହାଯାଇଛି। ତାଜୁଙ୍ଗିଆ ପଞ୍ଚାୟତର ବାହମାହା ଜଙ୍ଗଲରେ ପାଟ୍ରୋଲିଂ ଚାଲିଥିବା ବେଳେ ପୁଲିସ ଗଞ୍ଜେଇ ଭର୍ତ୍ତି ବସ୍ତାଗୁଡିକ ଲୁଚାଇ ରଖାଯାଇଥିବା ଦେଖିବାକୁ ପାଇଥିଲା। କେହି ଦୁର୍ବୃତ୍ତ ଗଞ୍ଜେଇ ଅମଳ କରିବା ପରେ ବିକ୍ରି ପାଇଁ ଲୁଚାଇ ରଖିଥିବା ପୁଲିସ ସନ୍ଦେହ କରୁଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ କହିଛନ୍ତି।

## କାର୍‌ରୁ ଗଞ୍ଜେଇ ଜବତ, ଜଣେ ଗିରଫ



ଫିରିଙ୍ଗିଆ, ୨।୭(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୁଲିସ ଏକ କାର ସହ ଜଣେ ଆନ୍ତଃଜିଲ୍ଲା ଗଞ୍ଜେଇ ଚୋରା ଚାଲାଣକାରୀକୁ ଗିରଫ କରିଛି। କାରକୁ ୧୭ କିଲୋ ଗଞ୍ଜେଇ ଜବତ ହୋଇଛି। କାରରେ ଥିବା ଅନ୍ୟ କିଛି ମାଫିଆ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି। ସୋମବାର ପାଟ୍ରୋଲିଂ ଚାଲିଥିବା ସମୟରେ ଫିରିଙ୍ଗିଆରୁ ବାଲିଗୁଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଦ୍ରୁତ ଗତିରେ ଆସୁଥିବା ଏକ କାରକୁ ସନ୍ଦେହରେ ପୁଲିସ ଗୋଡ଼ାଇଥିଲା। ମାସରୀପଡ଼ା ଛକ ନିକଟରେ କାରର ଆଗପଟ ଚକ ହଠାତ ଫାଟିଯାଇଥିଲା। କାରଟି ରାସ୍ତାରେ ରହିଯାଇଥିଲା। କାରରେ ଥିବା କିଛି ଗଞ୍ଜେଇ ଚୋରା ବେପାରୀ ଫେରାର ହୋଇଯାଇଥିଲେ। ହେଲେ ଜଣେ ପୁଲିସ ହାତରୁ ଖସି ପାରି ନ ଥିଲା। ପୁଲିସ ତାକୁ ଗିରଫ କରି କାରକୁ ଯାଞ୍ଚ କରିଥିଲା। କାରରୁ ଏକ ବସ୍ତାରେ ରଖାଯାଇଥିବା ସତର କିଲୋ ଗଞ୍ଜେଇକୁ ଜବତ କରିଥିଲା। ଗିରଫ ବ୍ୟକ୍ତି ଜଣକ କଟକ ଜିଲ୍ଲା କାନପୁର ଥାନା କାଞ୍ଚିପଦା ଗାଁର ପ୍ରକାଶ ପ୍ରଧାନ ବୋଲି ଜଣାପଡଛି। କାର ଫିରିଙ୍ଗିଆ ଥାନା ମାସରୀପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ଅନ୍ୟପଟେ ଏହି ଗଞ୍ଜେଇ ଚାଲାଣ ମାମଲାରେ ଦୁଇଜଣ ପେଷାଦାର ଗଞ୍ଜେଇ ମାଫିଆଙ୍କ ସମ୍ପୃକ୍ତି ଥିବା ପୁଲିସ ଜାଣିବାକୁ ପାଇଛି। ସମ୍ପୃକ୍ତ ମାଫିଆ ଫିରିଙ୍ଗିଆ ଥାନା କେଳାପଡ଼ା ପଞ୍ଚାୟତ କାୟେଲମ୍ବା ଗାଁର ଜଣେ ବ୍ୟକ୍ତି ଓ ଆଉଜଣେ ମାଫିଆ ବନ୍ଧଗଡ଼ ପଞ୍ଚାୟତ ବାଲକିଡାଡି ଗାଁର ବୋଲି ଜଣାପଡ଼ିଛି। ସେମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପୁଲିସ କହିଛି।

## ମାଜିଷ୍ଟ୍ରେଟ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଦିଗପହଣ୍ଡି, ୨।୭(ସମିସ): ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀଙ୍କୁ ମଙ୍ଗଳବାର ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂଘ ସଭାପତି ହରପ୍ରସାଦ ରଥ ସଭାପତିତ୍ୱ କରିଥିଲେ। ମାଜିଷ୍ଟ୍ରେଟ ତ୍ରିପାଠୀଙ୍କ ନିରପେକ୍ଷ ବିଚାର ପ୍ରକ୍ରିୟା, କୋର୍ଟ ପରିଚାଳନା କ୍ଷେତ୍ରରେ ଦକ୍ଷତା, ସବ୍ ଜଜ୍ କୋର୍ଟ ଖୋଲିବା ଦିଗରେ ଉଦ୍ୟମ ଏବଂ ଆଇନଜୀବୀ ମାନଙ୍କ ପ୍ରତି ବ୍ୟବହାର ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ସଂଘ ପକ୍ଷରୁ ମତ ପ୍ରକାଶ ପାଇଥିଲା। ସେହିଭଳି ନିଜର ବିଦାୟୀ ଅଭିଭାଷଣରେ ମାଜିଷ୍ଟ୍ରେଟ ନ୍ୟାୟିକ ପରିଚାଳନାରେ ଓକିଲ ସଂଘର ସହଯୋଗକୁ ବେଶ୍ ପ୍ରଶଂସା କରିଥିଲେ। ଏଥିରେ ସଂଘର ସମ୍ପାଦକ ପ୍ରଦୀପ କୁମାର ନାୟକ, ଉପସଭାପତି ରଞ୍ଜନ କୁମାର ବେହେରା, ସହସମ୍ପାଦକ ରବିଚନ୍ଦ୍ର ଗୌଡ଼, କୋଷାଧ୍ୟକ୍ଷ ସୀମାଞ୍ଚଳ ପ୍ରଧାନଙ୍କ ସମେତ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ସାହୁ, ରବୀନ୍ଦ୍ରନାଥ ପାଣିଗ୍ରାହୀ, ପ୍ରଭାକର ରାଉତ, ଏ. ସୋମେଶ୍ୱର ରାଓ, ଚନ୍ଦ୍ରଧ୍ୱଜ ସିଂହ, ରତ୍ନାକର ମେକାପ, ପରେଶ ଚନ୍ଦ୍ର ରଥ, ହେମନ୍ତ ପାଣିଗ୍ରାହୀ, ମନୋଜ କୁମାର ପଣ୍ଡା, ଏପିପି ନକୁଳ ପ୍ରଧାନ, କ୍ୟାଡର ଏପିପି ବିପ୍ଲବ କୁମାର ମୁଦୁଲି, ଅଶେଷ ନାଥ ମିଶ୍ର, ସନ୍ତୋଷ କୁମାର ସାହୁ, ରାଜେନ୍ଦ୍ର ତ୍ରିପାଠୀ, ସୁକାନ୍ତ କୁମାର ପ୍ରଧାନ, ମନୋରଞ୍ଜନ ପଣ୍ଡା, କୁରେଶ୍ୱ ପଣ୍ଡା, ଗିରିଜା ନନ୍ଦନ ମେକାପ, ସଞ୍ଜୟ କୁମାର ପଣ୍ଡା, କିଶୋର ଚନ୍ଦ୍ର ଗୌଡ, ପ୍ରିୟରଞ୍ଜନ ପଟ୍ଟନାୟକ, ପ୍ରହ୍ଲାଦ କୁମାର ପ୍ରଧାନ, ଟୁକୁନା ପ୍ରଧାନ, ସଚ୍ଚିକାନ୍ତ ରଥ, ଅରବିନ୍ଦ ନାହାକ ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ପୋଲସରା ବ୍ଲକରେ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

## ବୈଠକରେ ବାହାର ଲୋକଙ୍କୁ ହଁ, ସାମ୍ବାଦିକଙ୍କୁ ନା

ପୋଲସରା, ୨।୭(ସମିସ): ପୋଲସରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ବୈଠକ ଗୃହରେ ମଙ୍ଗଳବାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ବିଡ଼ିଓ କୁରେଶ ଚନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ମନ୍ତ୍ରୀ ମଲ୍ଲିକ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ସମସ୍ତ ଅଧିକାରୀ, କର୍ମଚାରୀ ଓ ମନ୍ତ୍ରୀ ଯୋଗ ଦେଇଥିଲେ। ପୋଲସରା ଅଞ୍ଚଳର ସାମ୍ବାଦିକ ମଧ୍ୟ ଖବର ସଂଗ୍ରହ ଲାଗି ବୈଠକ ଗୃହରେ ଉପସ୍ଥିତ ରହି ଖବର ସଂଗ୍ରହ କରିବା ଲାଗି ଫୋଟ ଉଠାଇଲେ। ହେଲେ ଫୋଟ ଉଠାଇବା



ପରେ ବିଡ଼ିଓ କୁରେଶ ଚନ୍ଦ୍ର ଜାନି ସାମ୍ବାଦିକ ମାନଙ୍କୁ ବୈଠକ ଗୃହରୁ ବାହାରକୁ ବାହାରି ଯିବା ପାଇଁ କହିଥିଲେ। ବୈଠକରେ ବିଡ଼ିଓ ମହାଶୟ କାହା ଇଙ୍ଗିତରେ ବାହାର ଲୋକଙ୍କୁ ବୈଠକରେ ବସାଇବା ପାଇଁ ସୁଯୋଗ ଦେଇ ସାମ୍ବାଦିକଙ୍କୁ କାହିଁକି ବାହାରେ ବସାଇବା ପାଇଁ କହିଥିଲେ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାର୍ଯ୍ୟରତ ସାମ୍ବାଦିକଙ୍କୁ ବାହାରକୁ ତଡ଼ିଦେବା ବିଡ଼ିଓଙ୍କ ଏହା କେଉଁ ପ୍ରକାର କାର୍ଯ୍ୟ ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହି ଘଟଣାକୁ ନେଇ ବିଡ଼ିଓ କୁରେଶ ଜାନିଙ୍କୁ ପଚାରିବାରୁ ସେ କହିଥିଲେ କି ମନ୍ତ୍ରୀ କଥା ଆଉ କଣ କରିବା ହଉ, ମୁଁ ଆସୁଛି କହି ଗାଡ଼ିରେ ବସି ଚାଲି ଯାଇଥିଲେ। ଯେଉଁ ଅଧିକାରୀ ମାନେ ଦୁର୍ନୀତିକୁ ପ୍ରଶ୍ରୟ ଦେଇ କାର୍ଯ୍ୟ କରିବେ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ମଲ୍ଲିକ କଡା ଚେତାବନୀ ଦେଇଥିଲେ ସମୀକ୍ଷା ବୈଠକରେ। ଆଗାମୀ ଦିନରେ ପୋଲସରା ବ୍ଲକକୁ ଦୁର୍ନୀତି ମୁକ୍ତ କରି ୧ନମ୍ବର ରହିବା ସହିତ ମତ୍ସ୍ୟ ଓ ପଶୁପାଳନ ସାଙ୍ଗକୁ ନୂତନ ଉଦ୍ୟୋଗ ସୃଷ୍ଟି କରି ଯୁବଗୋଷ୍ଠୀ ମାନଙ୍କୁ ନିଯୁକ୍ତି ଦେବା ସହ ଆର୍ଥିକ ରୋଜଗାରକ୍ଷମ ହୋଇପାରିବେ। ଏତଦ୍ ବ୍ୟତୀତ ବହୁ ଦିଗ ଉପରେ ଆଲୋଚନା ହୋଇଥିଲା।

## ବନ ମହୋତ୍ସବ ସପ୍ତାହ ଉଦ୍‌ଘାଟିତ




ବେଲଗୁଣ୍ଠା, ୧।୭(ସମିସ): ବେଲଗୁଣ୍ଠା ବ୍ଲକ କ୍ଷେତ୍ରୀୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ବନ ମହୋତ୍ସବ ଉଦଘାଟିତ ହୋଇଯାଇଛି। ପ୍ରାକ୍ତନ ଅଧ୍ୟକ୍ଷ ବି ଗୋବିନ୍ଦ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ଶପଥ ପାଠ କରାଇଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କା, ରୋଭର ଲିଡର ପି ଦୀପକ ରାଓ ଏବଂ ଜାତୀୟସେବା ଯୋଜନାର ଅଧିକାରୀ ଦୀପୁ ଭୂୟାଁଙ୍କ ତତ୍ତ୍ୱାବଧାନରେ ସମସ୍ତ ଶାଖାର ସ୍ୱେଚ୍ଛାସେବୀ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ବୃକ୍ଷରୋପଣ କରିଥିଲେ। ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ରୁନିବାଳା ତ୍ରିପାଠୀ, ଦେବେଶ ଚନ୍ଦ୍ର ମହାପାତ୍ର, ଭାରତୀ ବିଶ୍ୱାଳ, ସ୍ୱରୂପା ରାଣୀ ବିଶ୍ୱାଳ, ଗାଙ୍ଗୁଲି ପାଲଟାସିଂ, ଗଙ୍ଗାଧର ରଣା, ଜୟଶ୍ରୀ ସେଠୀ, ରମେଶ ଚନ୍ଦ୍ର ବିଶୋଇ, ପଦ୍ମଚରଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଜି.ଉଦୟଗିରିରେ ରଥଯାତ୍ରା ପ୍ରସ୍ତୁତି ବୈଠକ

ଜି.ଉଦୟଗିର, ୨।୭(ସମିସ): ଦିନ କେଇଟା ପରେ ରଥଯାତ୍ରା। ଏଥିପାଇଁ କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଜଗନ୍ନାଥ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଶୃଙ୍ଖଳିତ ରଥଯାତ୍ରା ପାଇଁ ପ୍ରଶାସନିକ ଅଧିକାରୀଙ୍କ ସହିତ ମନ୍ଦିର ପରିଚାଳନା କମିଟି ଆଲୋଚନା କରିଥିଲା। ପରିଚାଳନା କମିଟି ସଭାପତି ବିନୋଦ ବିହାରୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ରଥଯାତ୍ରା କିଭଳି ଶାନ୍ତିଶୃଙ୍ଖଳାର ସହ ହେବ ସେଥିନେଇ ସମସ୍ତେ ସହଯୋଗ କରିବା ସହିତ ଆଗାମୀ ବର୍ଷରେ ହେବାକୁ ଥିବା ନୂତନ ରଥ ନିର୍ମାଣ ପାଇଁ ସମସ୍ତଙ୍କ ମତାମତ ନିଆଯାଇଥିଲା। ଏଥିରେ ସମସ୍ତେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ପରିଚାଳନା କମିଟି ତରଫରୁ ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ, ଉପସଭାପତି ମନରଞ୍ଜନ ପତି, କୋଷାଧ୍ୟକ୍ଷ



ଅଶୋକ କୁମାର ପାତ୍ରଙ୍କ ସହିତ କାଳୁ ଚରଣ ପଣ୍ଡା, ସୀମାଞ୍ଚଳ ଦାଶ, ସଞ୍ଜୟ କୁମାର ଆଚାର୍ଯ୍ୟ, ରାଜେନ୍ଦ୍ର ମହାପାତ୍ର, ଅଶ୍ୱିନୀ କୁମାର ପାତ୍ର, ଅଚ୍ୟୁତ ପଣ୍ଡା, ମାନସ ପଣ୍ଡା ଓ ମିଲୁ ପଣ୍ଡା ଯୋଗ ଦେଇଥିଲେ। ବୈଠକରେ ବିଡିଓ ମନୋଜ କୁମାର ଦେବତା, ଜି. ଉଦୟଗିରି ଏସଡିପିଓ ବିଜୟ କୁମାର ବିଶି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ, ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଥାନା ଅଧିକାରୀ ଭଗବାନ ପୂଜାରୀ, ପୂର୍ବତନ ଅଧ୍ୟକ୍ଷ ସଞ୍ଜୀବବ କୁମାର ପାତ୍ରଙ୍କ ସହିତ ବନ, ଅଗ୍ନିସମ, ବିଦ୍ୟୁତ ବିଭାଗ, ବ୍ୟାଙ୍କ ଅଧିକାରୀ, ତହସିଲ, ସ୍ୱାସ୍ଥ୍ୟ ବିଭାଗ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ ଶ୍ରୀ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ବ ଗଛ ପଡ଼ି ରାସ୍ତା ଅବରୋଧ



ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨।୭(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ ବୁଜୁଲି ଗ୍ରାମ ରାସ୍ତା ଉପରେ ମଙ୍ଗଳବାର ବିରାଟକାୟ ଶୁଖିଲା ଆମ୍ବ ଗଛ ପଡ଼ି ରାସ୍ତା ଅବରୋଧ ହେବା ଯୋଗୁଁ ଯାତାୟତ ବନ୍ଦ ହୋଇଯାଇଛି। ପାହାଡ଼ କାଟି ରାସ୍ତା କରାଯାଇ ଥିବାରୁ ବିରାଟକାୟ ଗଛ ରାସ୍ତା କଡରେ ରହିଛି। ବିରାଟକାୟ ଶୁଖିଲା ଆମ୍ବ ଗଛ କାଳବୈଶାଖୀ ବର୍ଷା ପବନରେ ରାସ୍ତା ଉପରେ ପଡ଼ିଯିବାରୁ ଅବରୋଧ ହୋଇଛି। ଏହି କାରଣରୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହି ଆସିଛି ବୁଜୁଲି ଗ୍ରାମ। ବିଭିନ୍ନ ଜରୁରୀ କାମ ଓ ଲୋକଙ୍କ ଗାଡ଼ି, ମଟର ସାଇକଲରେ ଓ ଅନ୍ୟ ଗାଡ଼ି ଚଳାଚଳ ବନ୍ଦ ରହିଛି। ଗଛ ରାସ୍ତା ଉପରେ ପଡ଼ି ରହିଥିବାରୁ ଗମନାଗମନରେ ସମସ୍ୟା ସୃଷ୍ଟି ହୋଇଛି। ବିଶେଷ ଭାବେ ଶିକ୍ଷକ ଓ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଥିପାଇଁ ଗ୍ରାମବାସୀ କାହାକୁ କହିବେ, କଣ କରିବେ ଜାଣି ନ ପାରି ଚିନ୍ତାରେ ରହିଛନ୍ତି। ପ୍ରଶାସନ ଏଥିପାଇଁ ଦୃଷ୍ଟି ଦେଇ ଅବରୋଧ ହଟାଇ ଗମନାଗମନ ସୁବିଧା କରିବା ପାଇଁ ଦାବି ହେଉଛି।

# ଉପଲଡ଼ା ଗ୍ରାମ୍ୟ ଛକ-ଗୋଷାଣି ରାସ୍ତା ମରଣଯନ୍ତା

ପାରଳାଖେମୁଣ୍ଡି, ୨।୭(ସମିସ)

ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଅଧିକାଂଶ ରାସ୍ତା ଶୋଚନୀୟ ହୋଇପଡ଼ିଛି। ମୁଖ୍ୟତଃ ଉପଲଡା ଗ୍ରାମ୍ୟ ଛକ-ଲିଙ୍ଗିପୁର ଠାରୁ ଗୋଷାଣି ପର୍ଯ୍ୟନ୍ତ ପ୍ରାୟ ୧୦ କିମି ରାସ୍ତା ବ୍ଲକର ୭୦ଭାଗ ଲୋକଙ୍କ ଜୀବନରେଖା ବୋଲି କୁହାଯାଏ। ଗୋଷାଣି ବ୍ଲକ ସଦର ମହକୁମାକୁ ଓଡ଼ିଶା ବାଟେ ଯିବା ପାଇଁ ଏହା ପ୍ରମୁଖ ରାସ୍ତା। କିନ୍ତୁ ତାହା ଏବେ ଜନସାଧାରଣଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏଥିଯୋଗୁଁ ଲୋକେ ଏହି ରାସ୍ତା ପରିବର୍ତ୍ତେ ଆନ୍ଧ୍ର ରାସ୍ତା ଉପରେ ନିର୍ଭର କରୁଛନ୍ତି। ଗତ କିଛିବର୍ଷ ହେଲା ରାସ୍ତାରେ ଖାଲଖମା ଯୋଗୁଁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାକାମ ନିମ୍ନମାନର ଓ ଉପଯୁକ୍ତ



ରକ୍ଷଣାବେକ୍ଷଣ ଅଭାବ ଏବଂ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଦୁର୍ଘଟଣା ବଢୁଥିବାର ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଅଭିଯୋଗ କରାଯାଇଛି। ବଡବଡିଆ ବିଭାଗୀୟ ଅଧିକାରୀ ଦାମିକିଆ ଚାରିଚକିଆ ଯାନରେ ଏହି ରାସ୍ତା ଦେଇ ଯାଉଥିବାରୁ ସେମାନେ ସାଧାରଣଜନତାଙ୍କ ଅସୁବିଧା ସମ୍ପର୍କରେ ବୋଧେ ଜାଣିପାରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଉଲ୍ଲେଖିତ ରାସ୍ତା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବାରମ୍ବାର ମରାମତି କରାଯାଉଛି। ହେଲେ ନିମ୍ନମାନର କାମ ଯୋଗୁଁ ମରାମତି ପରେ ପରେ ପୁଣି ଖାଲଖମାରେ ଭର୍ତ୍ତି ହେଉଛି। ଏନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ କୌଣସି ସୁଫଳ ମିଳିପାରୁ ନ ଥିବାର ପ୍ରକାଶ କରିଛନ୍ତି। ଏପରିକି ଜିଲ୍ଲା ପ୍ରଶାସନ ଠାରେ ବାରମ୍ବାର ଅଭିଯୋଗ ହେଲେ ପରିସ୍ଥିତିରେ ପରିବର୍ତ୍ତନ ହେଉନାହିଁ। ଏପରି ବାରମ୍ବାର ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ହଡପ କରାଯାଉଥିବା ଅଭିଯୋଗ ହେଉଛି। ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ସମସ୍ତ କାର୍ଯ୍ୟ ସମ୍ପାଦନ ହେଉଥିବା ଅଞ୍ଚଳବାସୀ ଓ ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଅଭିଯୋଗ କରାଯାଇଛି। ଏହି ରାସ୍ତାର ତୁରନ୍ତ ନିର୍ମାଣ ଓ ମରାମତି କରା ନ ଗଲେ ଆନ୍ଦୋଳନ ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

## ନୂତନ ଦଣ୍ଡବିଧି ଆଇନ ସଚେତନତା



ସାନଖେମୁଣ୍ଡି, ୨।୭(ସମିସ): ପାଟପୁର ଥାନା ନୂତନ ଦଣ୍ଡବିଧି ଆଇନ ସମ୍ବନ୍ଧୀୟ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଅଜୟ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ଜେନା, ଓକିଲ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ଆଇନଜୀବୀ ପ୍ରଶାନ୍ତ କୁମାର ଡାକୁଆ ଯୋଗଦେଇ ନୂତନ ଦଣ୍ଡବିଧି ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ପ୍ରତିନିଧି ରାଜୀବ ଲୋଚନ ପାତ୍ର, ପୋଡ଼ାମାରି ସରପଞ୍ଚ ସନ୍ତୋଷ ବିଷୋୟୀ, ରାଧାଦେଇପୁର ସରପଞ୍ଚ ରାକେଶ ପାତ୍ର, ଖଲଙ୍ଗି ସରପଞ୍ଚ ଅର୍ଣ୍ଣବ ନାୟକ, ପାଟପୁର ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ, ଆମ୍ବଗାଁ ସରପଞ୍ଚ ପ୍ରତିନିଧି ଦେବରାଜ ସେଠି, ଦୟାନିଧିପୁର ପୂର୍ବତନ ସରପଞ୍ଚ ବିଜୟ ଭୁୟାଁ, ସାହସପୁର ସମିତି ସଭ୍ୟ ପ୍ରତିନିଧି କୈଳାଶ ପାତ୍ର ଯୋଗ ଦେଇଥିଲେ।

## ୧୫ ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ

ଦିଗପହଣ୍ଡି, ୨।୭(ସମିସ): ୭୫ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବ୍ରହ୍ମପୁର ବନଖଣ୍ଡ ଦିଗପହଣ୍ଡି ବନାଞ୍ଚଳ ପକ୍ଷରୁ କଇଠଖଣ୍ଡି ପଞ୍ଚାୟତ ଗାଇଡା ଜଙ୍ଗଲ ନିକଟ ଘନ ସିଂ ଗ୍ରାମ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅମ୍ଳଜାନ ଅଭାବକୁ ପୂରଣ କରିବାକୁ ହେଲେ ପର୍ଯ୍ୟାପ୍ତ ବୃକ୍ଷରୋପଣ ଜରୁରୀ ବୋଲି କହିଥିଲେ। ବ୍ରହ୍ମପୁର ମଣ୍ଡଳ ଆଞ୍ଚଳିକ ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର, ଦିଗପହଣ୍ଡି ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ, ବନାଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଗୌଡ଼, ପୂର୍ବତନ ସରପଞ୍ଚ କେ . ହରିବନ୍ଧୁ ରେଡ୍ଡୀ ପ୍ରମୁଖ ଯୋଗଦେଇଥିଲେ।

## ବନଖଣ୍ଡ ପକ୍ଷରୁ ଖୋଲିଲା ଚାରା ବିତରଣ କେନ୍ଦ୍ର



**ଭଞ୍ଜନଗର,୨।୭(ସମିସ):** ଜୁଲାଇ ୧ରୁ ୭ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଉତ୍ତର ଘୁମୁସର ବନଖଣ୍ଡ ଭଞ୍ଜନଗର କାର୍ଯ୍ୟାଳୟ ସାମ୍ନାରେ ଏକ ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର ଖୋଲାଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ସେକ୍ସନ ଅଫିସର ବି. ବିଜୟ ଲକ୍ଷ୍ମୀ ଦୋରା ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ଫରେଷ୍ଟର ମଧୁଛନ୍ଦା ଦାସ, ଅପର୍ଣ୍ଣା ପଟ୍ଟନାୟକ, ସଙ୍ଗିତା ପଟ୍ଟନାୟକ ଉପସ୍ଥିତ ଥିଲେ। ଏଠାରେ ମାତ୍ର ଏକ ଟଙ୍କାରେ ଗୋଟିଏ ଲେଖାଏଁ ପଣସ, ସଜନା ଛୁଇଁ, ସାଗୁଆନ, ଓଉ, ବେଲ, ଅଁଳା, ସୀତାଫଳ ଭଳି ବିଭିନ୍ନ ପ୍ରକାର ଚାରା ମିଳୁଛି। ଏଠାରେ ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଚାରା ଯୋଗାଇ ଦିଆଯିବ। ଅନ୍ୟ ସମୟରେ ସ୍ଥାନୀୟ ଲାଲସିଙ୍ଗି ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ରରେ ଚାଷୀ ଓ ଜନସାଧାରଣ ଚାରା ପାଇପାରିବେ ବୋଲି ଜଣାପଡ଼ିଛି।

## ନୂତନ ଆଇନ କାର୍ଯ୍ୟକାରିତା କର୍ମଶାଳା



**ପୋଲସରା,୨।୭(ସମିସ):** ପୋଲସରା ଥାନାରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ପୋଲସରା ଥାନାଧିକାରୀ କୌଶିକ ମାଝୀଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲସରା ଥାନା କର୍ମଚାରୀ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ। ନୂତନ ଆଇନର କାର୍ଯ୍ୟକାରିତା ନେଇ ପୋଲସରା ଥାନାରେ ୪୩୪/୨୪ ନଂରେ ପ୍ରଥମ କେଶ୍ ରୁଜୁ କରାଯାଇଥିବାବେଳେ ଶୁଭ୍ରଜୀତ ସାମନ୍ତରାୟ କେସର ତଦନ୍ତଭାର ନେଇଥିବା ନେଇ ପୋଲସରା ଥାନାଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି।

## ଜଙ୍ଗଲ ବିଭାଗ ତରଫରୁ ବନ ମହୋତ୍ସବ



**ଧରାକୋଟ,୨।୭(ସମିସ):** ଧରାକୋଟ ବ୍ଲକର ବାହାରପୁର ନିକଟସ୍ଥ ଲଣ୍ଡା ପାହାଡ ପାଦ ଦେଶରେ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ୭୫ତମ ବନ ମହୋତ୍ସବ ପାଳନ ହୋଇଯାଇଛି। ଧରାକୋଟ ବନପାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନନୀୟ ଅତିଥି ଭାବରେ ବିଡିଓ ଡେନିସ ବେହେରା, ଏସିଏଫ୍ ଓ ରଜତ କୁମାର ମିଶ୍ର, ବିଇଓ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ସୀମାଞ୍ଚଳ ବେହେରା, ସମାଜସେବୀ ମାନସ ରଞ୍ଜନ ଜେନା, ନାଏବ ସରପଞ୍ଚ ସଚ୍ଚିଦାନନ୍ଦ ତ୍ରିପାଠୀ, ପ୍ରଧାନ ଶିକ୍ଷକ ରାଧାମୋହନ ତ୍ରିପାଠୀ, ଶିକ୍ଷକ ଭବାନୀ ଶଙ୍କର ବେହେରା, ଶିକ୍ଷକ ଭାଗିରଥି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବାହାରପୁର ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥି ମାନେ ମଣିଷର ସାମୂହିକ ଆବଶ୍ୟକତା ପୂରଣ ପାଇଁ ବୃକ୍ଷରୋପଣ ଅତୀବ ଜରୁରୀ ବୋଲି ପ୍ରକାଶ କରିଥିଲେ। ଆସିକା ବାନପାଳ ଶରତ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ବନରକ୍ଷୀ ସହଯୋଗ ପ୍ରଦାନ କରିଥିଲେ।

## ଚାରାରୋପଣ କରି ଜନ୍ମଦିନ ପାଳିଲେ



**ଗଞ୍ଜାମ,୨।୭(ସମିସ):** ଓଡ଼ିଶା ସାମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଦିଗଦର୍ଶନ ଫାଉଣ୍ଡେସନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଉମାକାନ୍ତ ବେହେରା ତାଙ୍କ ୫୬ତମ ଜନ୍ମଦିନକୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ନିଆରା ଢଙ୍ଗରେ ପାଳନ କରିଛନ୍ତି। ବନ ବିଭାଗ ସହଯୋଗରେ ଗଞ୍ଜାମ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରିବା ସହ ଲୋକଙ୍କୁ ଚାରା ବଣ୍ଟନ କରିଥିଲେ। ପୂର୍ବତନ କାଉନସିଲର ତଥା ପରିବେଶବିତ୍ ପି. ରାଜୁ ରେଡି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ବେହେରା, କାଳିଆ ବେହେରା, ପ୍ରଫୁଲ ବେହେରା, ଶ୍ରୀକାନ୍ତ ବେହେରା, ପ୍ରତାପ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ

# ବର୍ଷା ପୂର୍ବରୁ ପୋଖରୀ ପୁନରୁଦ୍ଧାର ନିର୍ଦ୍ଦେଶ

**ଛତ୍ରପୁର,୨।୭(ସମିସ)**



ଗଞ୍ଜାମ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷର ସ୍ୱଚ୍ଛ ସର୍ବେକ୍ଷଣ, ପୋଖରୀ ପୁନରୁଦ୍ଧାର, ସ୍ୱଚ୍ଛ ସହରୀକରଣ ଯୋଜନା, ସାମଗ୍ରୀକ ସହରୀକରଣର ବିକାଶ ସମେତ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା ଜିଲ୍ଲାପାଳ ଶ୍ରୀ ପରିଡା କରିଥିଲେ। ଅମୃତ ଯୋଜନାରେ ପୋଖରୀ ଗୁଡିକର ପୁନରୁଦ୍ଧାର କାର୍ଯ୍ୟ ବର୍ଷା ପୂର୍ବରୁ ଶେଷ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁସାରେ ପୋଖରୀ ଗୁଡିକରୁ ପଙ୍କ ବାହାରକରି ବର୍ଷାଜଳ ଯେପରି ପୋଖରୀରେ ସୁରକ୍ଷିତ ସଞ୍ଚିତ ହେବ ସେଥିନେଇ କାର୍ଯ୍ୟ ଖସଡା କରାଯାଇଛି। ଅନେକ ପୋଖରୀ କାର୍ଯ୍ୟ ଶେଷ ହୋଇଛି। ଆଉ ଯେତକ ପୋଖରୀ କାର୍ଯ୍ୟ ଶେଷ ହୋଇନାହିଁ, ତୁରନ୍ତ ବର୍ଷା ପୂର୍ବରୁ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋପାଳପୁର ଏକ ପର୍ଯ୍ୟଟନ ସ୍ଥଳୀ। ଏଣୁ ଏହାର ସଫେଇ ଦିଗରେ ଗୁରୁତ୍ୱ ଦେବାକୁ ସଂପୃକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗଞ୍ଜାମ ଜିଲ୍ଲାରେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ସମସ୍ତ କାର୍ଯ୍ୟ ସଠିକ ହେଉଛି ସେଗୁଡିକର ଡକୁମେଣ୍ଟେସନ୍ କରି ରଖିବାକୁ ଜଣାଇଥିଲେ। ଜନସାଧାରଣଙ୍କ ବ୍ୟବହୃତ ବଗିଚା, ପାର୍କରେ ବ୍ୟାୟାମ ନିମିତ୍ତ ଉଦ୍ଦିଷ୍ଟ କିମ୍ବା ପିଲାମାନଙ୍କ ଖେଳ ଯନ୍ତ୍ରପାତି ମରାମତି, ରଙ୍ଗ ଦେବା କାର୍ଯ୍ୟ କରନ୍ତୁ। ରାସ୍ତାର ଉନ୍ନତି କରଣ କିମ୍ବା ମରାମତି କାର୍ଯ୍ୟ ବର୍ଷା ପୂର୍ବରୁ ଶେଷ କରନ୍ତୁ। ବୈଠକରେ ମୋ ଖତ ମିଶନ୍ ଶକ୍ତି ମା' ମାନଙ୍କ ଦ୍ୱାରା କାର୍ଯ୍ୟରୁ ଅନୁଦାନ ପ୍ରଦାନ, ପ୍ରୋତ୍ସାହନ ରାଶି ଇତ୍ୟାଦି ସମ୍ପର୍କିତ ଜିଲ୍ଲାର ସମସ୍ତ ସହରାଞ୍ଚଳ ସମ୍ପର୍କିତ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଟେଲ, ସମସ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସଂପୃକ୍ତ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।

## ନୂତନ ଆଇନ କାର୍ଯ୍ୟକାରିତା ଆଲୋଚନାଚକ୍ର

**ବେଲଗୁଣ୍ଠା,୨।୭(ସମିସ):** ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଏକ ଆଲୋଚନାଚକ୍ର ଗାଙ୍ଗପୁର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗପୁର ଥାନା ଅଧିକାରୀ ରାଜେଶ୍ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଥାନା ଅଧିକାରୀ ଶ୍ରୀ ନାୟକ ଏବଂ ଏସ୍ଆଇ ଆର୍ତ୍ତତ୍ରାଣ ଦାନୀ ନୂତନ ଆଇନ୍ ସମ୍ପର୍କରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ସୀମାଞ୍ଚଳ ପୃଷ୍ଟି, ଆଇନଜୀବୀ ସୁଶାନ୍ତ ସ୍ୱାଇଁ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ସମାଜସେବୀ ଗୋପାଳ ରାଉତ, ପ୍ରକାଶ ରାଉତ, ବିଭୂପାଦ ଜେନା, ସନ୍ତୋଷ କୁମାର ବିଷୋୟୀ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ରାମଚନ୍ଦ୍ର ପାତ୍ର, ଅନୀଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଏସ୍ଆଇ ଉମା ଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଥାନା କର୍ମଚାରୀ ସହଯୋଗ କରିଥିଲେ।

## କେଏସ୍ୟୁବି କଲେଜରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଭଞ୍ଜନଗର,୨।୭(ସମିସ):** ଭଞ୍ଜନଗର ସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଅଧ୍ୟୟନ କରିବା ସହ ଦୁଇଥର ଛାତ୍ର ସଂସଦର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ତେଣୁ ମଙ୍ଗଳବାର ତାଙ୍କୁ କଲେଜ ତରଫରୁ ନିମନ୍ତ୍ରଣ କରାଯାଇଥିଲା। ବିଧାୟକ ଶ୍ରୀ ନାୟକ ପହଞ୍ଚିବା ପରେ ତାଙ୍କୁ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଦାସଙ୍କ ସମେତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ସ୍ୱାଗତ ଜଣାଇବା ସହ ପାଛୋଟି ନେଇଥିଲେ। ଏଥିସହ କଲେଜର ପ୍ରାକ୍ତନ ଛାତ୍ରନେତା ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ମଞ୍ଚାସୀନ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଇନଜୀବୀ ସନ୍ତୋଷ ତିଆଡ଼ି, ଏମ.ଡ଼ି ଇର୍ଷାଦ ମହମ୍ମଦ ନିଜର ଅନୁଭୂତି ପ୍ରକାଶ କରିଥିଲେ। କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଦାସ ସୂଚନା ଦେଇଥିଲେ। ଏଥିସହ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଆସନ୍ତା ଡିସେମ୍ବର ମାସରେ ୩ଦିନ ଧରି କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ, କଲେଜ ପରିସରରେ ବୀର ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସଚେତନତା

**ଛତ୍ରପୁର,୨।୭(ସମିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଶିଶୁ ଶ୍ରମିକ ପ୍ରଥାକୁ ଏକ ସାମାଜିକ ବ୍ୟାଧି ରୂପେ ଅଭିହିତ କରିବା ସହ ଏହାର ନିରାକରଣ ଦିଗରେ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି କହିଥିଲେ। ଶିଶୁ ଶ୍ରମିକ ନିଯୁକ୍ତି ଏକ ଦଣ୍ଡନୀୟ ଅପରାଧ ଅଟେ। ୧୪ବର୍ଷ ହୋଇନଥିବା ଶିଶୁଙ୍କୁ କୌଣସି ପ୍ରକାରର ବୃତ୍ତି ଏବଂ ୧୫ ରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଅପରାଧ ଅଟେ। ଏପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ଜୋରିମାନା ଓ କାରାଦଣ୍ଡ ଭୋଗିବାକୁ ପଡିବ। ବୈଠକରେ ବିଗତ ଦିନରେ ବିଭିନ୍ନ ବିଭାଗ ପକ୍ଷରୁ ଶିଶୁ ମାନଙ୍କ ପାଇଁ କଣ ସବୁ କାର୍ଯ୍ୟକ୍ରମ କରାଯାଇଛି ଅତିରିକ୍ତ ଜିଲ୍ଲାପାଳ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ, ବ୍ରହ୍ମପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତ ବାବୁଚରଣ ପାତ୍ର, ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଡ.ଦିଲ୍ଲିପ ତ୍ରିପାଠୀ, ବ୍ରହ୍ମପୁର ଶ୍ରମ ଅଧିକାରୀ ରବୀନ୍ଦ୍ରନାଥ ତ୍ରିପାଠୀ, ଛତ୍ରପୁର ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ସହକାରୀ ଶ୍ରମ ଅଧିକାରୀ ରଶ୍ମିରେଖା ପଣ୍ଡା, ଜିଲ୍ଲା ମଙ୍ଗଳ ବିଭାଗ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମେତ ଜିଲ୍ଲାର କାଜୁ ୟୁନିୟନର ସଦସ୍ୟମାନେ ଉପସ୍ଥିତ ଥିଲେ।



## ଶ୍ରୀଜଗନ୍ନାଥ କଲେଜରେ ଅବସରକାଳୀନ ସଭା



**ରମ୍ଭା,୨।୭(ସମିସ):** ସୋମବାର ଦିନ ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଅନ ସୁରେନ୍ଦ୍ର ନାଥ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅଧ୍ୟକ୍ଷ ଡ଼ଃ. ରଞ୍ଜନ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ଜଣେ ଛାତ୍ର ବତ୍ସଳ, ସମୟାନୁବର୍ତ୍ତିତା, କର୍ମନିଷ୍ଠା, ଉଦାର ଚରିତ୍ର ହୋଇଥିବାରୁ ତାଙ୍କର ବିଦାୟ ସମ୍ବର୍ଦ୍ଧନା ସଭାରେ ବିଭିନ୍ନ ବକ୍ତା ଭିନ୍ନ ଭିନ୍ନ ମନ୍ତବ୍ୟ ପ୍ରଦାନ କରି ଅଭିବ୍ୟକ୍ତ ରଖିଥିଲେ। ରାଜେନ୍ଦ୍ର ନାହାକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ, ଓଡ଼ିଆ ଅଧ୍ୟାପକ କାଳୁ ଚରଣ ଜେନା, ଅଧ୍ୟାପକ ରାମଚନ୍ଦ୍ର ନାହାକ, ଶରତ ଚନ୍ଦ୍ର ଯୋଷୀ, ରମେଶ ଚନ୍ଦ୍ର ବେହେରା, ଅଧ୍ୟାପକ ଅମର ନାୟକ, ଇଁରାଜୀ ଅଧ୍ୟାପିକା ସୁଶ୍ରୀ ସଂଗୀତା ପଣ୍ଡା, ଡ଼ି.ତ୍ରିନାଥ ପ୍ରଧାନ, ଲଳିତେନ୍ଦୁ ବେହେରା, କାଳିଆ ବେହେରା, ପ୍ରମୋଦ ଚନ୍ଦ୍ର ବେହେରା, ବିଶ୍ୱନାଥ ରଥ, ସତ୍ୟବାନ ପଣ୍ଡା, ରୀନାରାଣୀ ପାଣିଗ୍ରାହୀ, ଶିବଶଙ୍କର ପଣ୍ଡା, ବିଦ୍ୟାଧର ବାରିକ, ବୈକୁଣ୍ଠ ନାହାକ, ଧରଣୀଧର ମଲିକ, ମାଗୁଣି ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଦୁର୍ଯ୍ୟୋଧନ ନାହାକ, ଲୋକନାଥ ସେଠୀ, ସାବିତ୍ରୀ ବେହେରା ପ୍ରମୁଖ ଯୋଗଦେଇଥିଲେ।

### ଘୁମୁସର ଜିଲ୍ଲା ଦାବି

## ମନ୍ତ୍ରୀଙ୍କୁ ଭେଟିଲେ ଅଞ୍ଚଳବାସୀ



**ଭଞ୍ଜନଗର/ବୁଗୁଡ଼ା,୨।୭(ସମିସ):** ଘୁମୁସର ବିକାଶ ପରିଷଦ ଭଞ୍ଜନଗର ଓ ବୁଗୁଡ଼ା ଘୁମୁସର ଜିଲ୍ଲା ଦାବି କ୍ରିୟାନୁଷ୍ଠାନ କମିଟି ସଭାପତି ସୋମନାଥ ନାୟକଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ମତ୍ସ୍ୟ, ଗୋ-ସମ୍ପଦ ଓ କ୍ଷୁଦ୍ର ଉଦ୍ୟୋଗ ଇସ୍ପାତ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କୁ ଭେଟି ଘୁମୁସର ଜିଲ୍ଲା ଗଠନ ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାର ପ୍ରତିକ୍ରିୟାରେ ବର୍ତ୍ତମାନ ଯେତେ ସବୁ ନୂଆ ଜିଲ୍ଲା ପାଇଁ ଦାବି ହେଉଛି ସେଥି ମଧ୍ୟରେ ଭିତ୍ତିଭୂମି ଦୃଷ୍ଟିରୁ ଘୁମୁସର ଜିଲ୍ଲାର ପ୍ରାଥମିକତା ରହିଛି। ରାଜ୍ୟ ସରକାର ନୂଆ ଜିଲ୍ଲା ଗଠନ କଥା ବିଚାରକୁ ନେବାବେଳେ ଘୁମୁସର ଜିଲ୍ଲା ନିଶ୍ଚୟ ଗଠନ ହେବ। ସେଥିପ୍ରତି ଘୁମୁସରର ବିଧାୟକ ଭାବେ ଆମେ ବେଶ ସଚେତନ ଅଛୁ ଓ ଏହା ଆମର କର୍ତ୍ତବ୍ୟ ବୋଲି ମନ୍ତ୍ରୀ ଶ୍ରୀ ମଲିକ କହିଥିଲେ। ସାଧାରଣ ସମ୍ପାଦକ ପ୍ରକାଶ ସାହୁଙ୍କ ଘୁମୁସରିଆ ପ୍ରଜାତି ଗାଈଙ୍କ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ ଗୋ-ସମ୍ପଦ ବିଭାଗ ଏଇ ପ୍ରଜାତି ଗାଈ ମାନଙ୍କ ସଂରକ୍ଷଣ ପାଇଁ ଯଥେଷ୍ଟ ଦୃଷ୍ଟି ଦେବ ଓ ଆବଶ୍ୟକ ପରିମାଣରେ ଗୁହାଳ ମଧ ଯୋଗାଇଦେବା ସାଙ୍ଗକୁ ଗୋ-ପାଳକ ମାନଙ୍କୁ ମଧ ଆର୍ଥିକ ସହାୟତା ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ବୁଗୁଡ଼ା ଓକିଲ ସଂଘର ବରିଷ୍ଠ ଓକିଲ ମହନ୍ତ ଭକ୍ତରାମ ଦାସ, ଅମର ପଟ୍ଟନାୟକ, ଅନିଲ କୁମାର ପଟନାୟକ, ରଘୁନାଥ ସାହୁ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗଙ୍ଗାଧର ବିଷୋୟୀ ସଭ୍ୟ ଟି. ସତ୍ୟ ନାରାୟଣ ପାତ୍ର, ରାଜେନ୍ଦ୍ର ରାଓ ଦୋରା, ଗୋରକ୍ଷା ସମିତିର କରଚୁଲି ମଠର ମଠାଧୀଶ, କୁଆଁରଶୁଣି ବାବାଜୀ ସ୍ୱେଚ୍ଛାସେବୀ ସଂଗଠନର ଅରୁଣ କୁମାର ସାହୁ ଓ ବିକାଶ ପରିଷଦର କୋଷାଧ୍ୟକ୍ଷ ସୁଶାନ୍ତ ପାତ୍ର, ସଭ୍ୟ ଗୋପାଳ ଚନ୍ଦ୍ର ଲେଙ୍କା, ପିତାମ୍ବର ପରିଡା, ଆଚାର୍ଯ୍ୟ ରବିନାରାୟଣ ସାମନ୍ତ, ସୁଧୀର କୁମାର ନାୟକ ଓ ରଞ୍ଜିତ ଜେନା ଉପସ୍ଥିତ ଥିଲେ।

## ନୂତନ ଆଇନ ସଚେତନତା କାର୍ଯ୍ୟକ୍ରମ



**ଛତ୍ରପୁର,୨।୭(ସମିସ):** ଦେଶରେ ଜୁଲାଇ ପହିଲାରୁ ଲାଗୁ ହୋଇଥିବା ନୂତନ ଆପରାଧିକ ଆଇନ ଭାରତରେ ବ୍ରିଟିସ ଆଇନର ଯୁଗକୁ ଶେଷ କରିଛି। ଏବେ ଭାରତୀୟ ଦବିଧି ସଂହିତା(ଆଇପିସି) ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍), କ୍ରିମିନାଲ ପ୍ରୋସିଜର କୋଡ୍ (ସିଆର୍ପିସି) ପରିବର୍ତ୍ତେ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍ଏସ୍ଏସ୍), ଭାରତୀୟ ପ୍ରମାଣ ଆଇନ ପରିବର୍ତ୍ତେ ଭାରତୀୟ ସାକ୍ଷ୍ୟ ଅଧିନିୟମ(ବିଏସ୍ଏ) ଆଇନ ହୋଇଛି। ଏନେଇ ଛତ୍ରପୁର ପୁଲିସ ଥାନା ପରିସରରେ ଥାନା ଅଧିକାରୀ ନିରୋଦ କୁମାର ଦାଶଙ୍କ ଅଧକ୍ଷ୍ୟତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସହର ବୁଦ୍ଧିଜୀବୀ, ବିଭିନ୍ନ ସଂଘ, ବଣିଜ ସଂଘ ବ୍ୟକ୍ତି ବିଶେଷ ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହାନାଦପୁର ସରପଞ୍ଚ ରବୀନ୍ଦ୍ର ରାଉଳ, ଛତ୍ରପୁର ପୌରପାଳିକାର କାଉନସିଲର କେ.ରମେଶ, ପୂର୍ବତନ କାଉନସିଲର କିଶୋର ସେନାପତି, ବି.ରାଜିବାବୁ ଓ ରାଜେଶ ସାହୁ, କେ.ଚନ୍ଦ୍ର ଶେଖର ରେଡି ପ୍ରମୁଖ ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ବାତ୍ୟା ଆଶ୍ରୟସ୍ଥଳୀ





**ଛତ୍ରପୁର,୨।୭(ସମିସ)**

ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଜିରୋ କାଜୁଆଲଟି ହେବ ତା'କୁ ସଦାବେଳେ ଗୁରୁତ୍ୱ ଦେଇଥାଏ ପ୍ରଶାସନ। ଏହାସହିତ ସମୁଦ୍ରକୂଳିଆ ଲୋକଙ୍କ ସବୁ ସମୟରେ ସତର୍କ କରାଇବା ଠାରୁ ଆରମ୍ଭ କରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ସେନେଇ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ମକଡ୍ରିଲ ମଧ କରାଯାଉଛି। ଏତେ ପଦକ୍ଷେପ ପରେ ମଧ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକ କିଭଳି ଭାବେ ପ୍ରସ୍ତୁତ କରି ରଖାଯିବ ସେନେଇ ପ୍ରଶାସନ କୌଣସି ଦୃଷ୍ଟି ଦେଉନାହିଁ। ଯାହାର ନିଛକ ଉଦାହରଣ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକର ବଡ଼ ଆର୍ଯ୍ୟପଲ୍ଲୀରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ। ବଡ଼ ଆର୍ଯ୍ୟପଲ୍ଲୀ ଗାଁ ସମୁଦ୍ର କୂଳକୁ ଲାଗି ରହିଥିବା ଯୋଗୁଁ ସ୍ଥାନୀୟ ଗ୍ରାମବାସୀ ମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ଗାଁରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିଲା। କିନ୍ତୁ ୨୦୨୦ରେ ସଟ୍ ସର୍କିଟରେ ଅଗ୍ନିକାଣ୍ଡ ଘଟି ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ବିଭିନ୍ନ ସାମଗ୍ରୀ ପୋଡ଼ି ଯାଇଥିଲା। ଏହାପରେ ପୋଡ଼ି ଯାଇଥିବା ସାମଗ୍ରୀ ବଳଦରେ ନୂଆ ସାମଗ୍ରୀ ପ୍ରଦାନ କରିବା ନିମନ୍ତେ ସ୍ଥାନୀୟ ବାସିନ୍ଦା ବାରମ୍ବାର ଦାବି କରିଥିଲେ। କିନ୍ତୁ ଇତି ମଧ୍ୟରେ ୪ ବର୍ଷ ବିତିଯାଇଥିଲେ ସୁଦ୍ଧା ନୂତନ ସାମଗ୍ରୀ ମିଳିପାରିଲା ନାହିଁ। ଯାହାଫଳରେ ବାତ୍ୟା ଆଶ୍ରୟସ୍ଥଳୀର ଗୃହ ଗୁଡ଼ିକରେ ରହିଥିବା ଅନ୍ୟ କିଛି ସାମଗ୍ରୀ ମଧ ଚୋରି ହେବା ସହିତ କବାଟ ଝରକା ମଧ ଭାଙ୍ଗିରୁଜି ଯାଇଛି। ଯଦି ଆସନ୍ତା ଦିନରେ ପ୍ରାକୃତିକ ବିପର୍ଯ୍ୟୟ ଆସେ ତେବେ କିଭଳି ଏହି ବାତ୍ୟା ଆଶ୍ରୟସ୍ଥଳୀରେ ରହୁବି ବୋଲି ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ବାସିନ୍ଦା। ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବଡ଼ ଆର୍ଯ୍ୟପଲ୍ଲୀ ବାତ୍ୟା ଆଶ୍ରୟସ୍ଥଳୀ ଉପରେ ପ୍ରଶାସନର କେବେ ନଜର ପଡୁଛି ଓ ସେଠାରେ ଲାଗି ରହିଥିବା ଅବ୍ୟବସ୍ଥାର କେବେ ସମାଧାନ ହେଉଛି ଏବେ ତାହାକୁ ହିଁ ଅପେକ୍ଷା କରିଛନ୍ତି ସ୍ଥାନୀୟ ବାସିନ୍ଦା।

## ନୂଆ ଆଇନ ସଚେତନତା ଶିବିର



**ସୋରଡ଼ା,୨।୭(ସମିସ):** ସୋରଡ଼ା ଉପକାରାଗାର ଓ ଥାନା ପରିସରରେ ନୂଆ ଆଇନ ବ୍ୟବସ୍ଥା ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉପକାରାଗାର ଅଧୀକ୍ଷକ ରାଧେଶ୍ୟାମ ବେହେରାଙ୍କ ଆୟୋଜନ କ୍ରମେ ବରିଷ୍ଠ ଆଇନଜୀବୀ ପ୍ରଭାତ କୁମାର ପାଢୀ, ସୁଶାନ୍ତ ବିଷୋୟୀ, କାଳିଚରଣ ପାଢ଼ୀ, ଶିବ ପ୍ରସାଦ ବାହିନୀପତି ପ୍ରମୁଖ ଅଂଶଗ୍ରହଣ କରି ନୂତନ ଆଇନର ବିଭିନ୍ନ ଦିଗ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାରାଗାର ଅଧୀକ୍ଷକ ଆଇନକୁ ନେଇ ସୁସ୍ଥ ସମାଜ ଗଠନ ଆଶା ରଖି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଥାନା ପରିସରରେ ଥାନାଧିକାରୀ ଅନିଲ କୁମାର ପରିଡ଼ାଙ୍କ ଆୟୋଜନ କ୍ରମେ ବରିଷ୍ଠ ଜନସାଧାରଣ, ଆଇନଜୀବୀ ଓ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ନୂଆ ଆଇନ ଦ୍ୱାରା ଲୋକଙ୍କର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ନେଇ ସଚେତନତା କରିବା ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ହଜିଗଲାଣି ହଳଲଙ୍ଗଳ, ମେସିନ୍ କରୁଛି ଚାଷ



ଫିରିଙ୍ଗିଆ, ୨୭(ସମିସ): ଚାଷ ଅଛି ଯାହାର କି ଆନନ୍ଦ ତାହାର, ସିଏ ପରା ଯୋଗାଉଛି ଦୁନିଆକୁ ଆହାର। ଦିନେ ଏହି ଚାଷ କାର୍ଯ୍ୟ ପାଇଁ ଚାଷୀ ସଭିଁଙ୍କ ପାଖରେ ଆଦର ପାଉଥିଲା। ଗ୍ରାମାଞ୍ଚଳର ଲୋକେ ଅନ୍ୟ କାର୍ଯ୍ୟ ଅପେକ୍ଷା ଚାଷ କାର୍ଯ୍ୟ କରିବା ପାଇଁ ଆଗଭର ହେଉଥିଲେ। ସମୟ କ୍ରମେ ଚାଷ କାର୍ଯ୍ୟରେ ଅନେକ ପରିବର୍ତ୍ତନ ଘଟିଛି। ବିଭିନ୍ନ କାରଣରୁ ଧୀରେ ଧୀରେ ଚାଷ ପ୍ରତି ଲୋକଙ୍କ ଆଗ୍ରହ କମୁଛି। ପୂର୍ବରୁ ପାରମ୍ପରିକ ପ୍ରଣାଳୀ ହଳ ଲଙ୍ଗଳ ଦ୍ୱାରା ଚାଷ କରାଯାଉଥିବା ବେଳେ ଏବେ ନୂତନ ପଦ୍ଧତିରେ ଚାଷ କରି ଚାଷୀ ଅଧିକ ଉପାର୍ଜନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଚାଷରେ ହଳଲଙ୍ଗଳର ସ୍ଥାନେ ଏବେ ଧିରେ ଧିରେ ମେସିନ ନେବାକୁ ଯାଉଛି।

କନ୍ଧମାଳ ଭଳି ଆଦିବାସୀ ବହୁଳ ଅଞ୍ଚଳରେ ଚାଷୀ ମୁଖ୍ୟତଃ ଖରିଫ ଓ ରବି ଋତୁରେ ଧାନଚାଷ କରିଥାନ୍ତି। ଏବେ ଏହି ଚାଷ କାମ ବାଟବଣା ହୋଇଥିବା ବେଳେ ଚାଷର ଉପାୟ ମଧ୍ୟ ବଦଳିବାରେ ଲାଗିଛି। ପୂର୍ବରୁ ଚାଷ ପାଇଁ ଜମିରେ ହଳ ଲଙ୍ଗଳ ବ୍ୟବହାର କରାଯାଉଥିଲା। ହେଲେ ଏବେ ଚାଷୀ ଚାଷ ପାଇଁ ଟ୍ରାକ୍ଟର ଓ ପାୱାରଟିଲର ଭଳି ମେସିନ ବ୍ୟବହାର ହେଉଛି। ମାସ ମାସ ଧରି ଚାଲୁଥିବା କାମ ଏବେ କମ୍ ଦିନରେ ଶେଷ ହୋଇଯାଉଛି। ଚାଷ କାମରେ ମେସିନ ବ୍ୟବହାର ପରଠୁ ଆଉ ଲୋକେ ବଳଦ, ପୋଡ଼ୁ ପାଳନ କରୁନାହାନ୍ତି କିମ୍ବା ଲୋକଙ୍କ ଘର ଆଗରେ ଆଉ ଗୁହାଳ ଦେଖିବାକୁ ମିଳୁନି। ଆଗରୁ ଚାଷୀ ଚାଷକାମ ଆରମ୍ଭ କରିବା ପୂର୍ବରୁ ହଳ ପ୍ରସ୍ତୁତ ପାଇଁ କୁସୁମ, ଫାଶୀ, ବବୁଲ, ଗୁହାରିଆ ପ୍ରଭୃତି କାଠର ଲଙ୍ଗଳ, ଗୁଆଳି, ଇଷ ତଥା ଅନ୍ୟାନ୍ୟ ଉପକରଣ ନିର୍ମିତ କରି ଘରେ ରଖୁଥିଲା। ଫିରିଙ୍ଗିଆ ଅଞ୍ଚଳର ଚାଷୀ ପ୍ରତିବର୍ଷ ବଳଦ କିଣାବିକା କରିବା ସହ ଅନ୍ୟ ଗ୍ରାମକୁ ଯାଇ ବଳଦ କିଣି ଆଣୁଥିଲେ। ଅକ୍ଷୟତୃତୀୟା ଦିନ ପୂଜାର୍ଚ୍ଚନା କରି ଚାଷ କାର୍ଯ୍ୟ ଆରମ୍ଭ କରୁଥିଲେ। ଚାଷୀ ହଳ ଧରି ବିଭିନ୍ନ ଢଙ୍ଗରେ ମଧୁର କଣ୍ଠରେ ଗୀତ ଗାଇ ହଳ କରୁଥିବା ଦେଖାଯାଇଥିଲା। ମହିଳାମାନେ ହୁଳହୁଳି ସହ ମିଳିତ ଭାବେ ଗୀତ ଗାଉଥିଲେ। ଦୂରରୁ ଗୀତ ଶୁଭିଲେ ଚାଷ କାମ ଚାଲୁଥିବାର ସଙ୍କେତ ମିଳିପାରୁଥିଲା। ଗୋଟିଏ ଜମିରେ ମହିଳା ଗୀତଗାଇବା ଆରମ୍ଭ କଲେ ଅନ୍ୟ ଜମିର ଥିବା ମହିଳା ତାକୁ ଅନୁସରଣ କରୁଥିଲେ। ହେଲେ ଏବେ ଏହିସବୁ ଲୁଚି ଯାଇଥିବା ବେଳେ ଚାଷୀ ହଳର ବ୍ୟବହାର ବନ୍ଦ କରିଦେଉଥିବା ଯୋଗୁ ପଶୁ ସମ୍ପଦ ବିଶେଷ ଭାବେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। ଚାଷ ଜମିରେ ଲୋକେ ଘର ନିର୍ମାଣ କରିବା ସହ ବର୍ଷ ବର୍ଷ ଧରି ଜମି ପଡ଼ିଆ ପଡ଼ୁଛି। ସେହିଭଳି ପୂର୍ବରୁ ଶ୍ରମିକଙ୍କୁ ବର୍ଷିକିଆ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦିଆଯାଇ ଧାନ, ମଣ୍ଡିଆ, ସୁଆଁ, ପ୍ରକୃତି ମୂଲ ଦିଆଯାଉଥିଲା। ଶସ୍ୟ ମାପିବା ପାଇଁ ନଉତି, ଅଣା ଆଦି ବ୍ୟବହାର କରାଯାଇଥିବା ବେଳେ ଏବେ ସବୁ ଟଙ୍କାରେ ହେଉଛି। ବହୁ ଚାଷୀ ଚାଷ କାମ କରିବା ଅପେକ୍ଷା ଶ୍ରମିକ ଭାବେ କାମ କରିବାକୁ ସୁଦୂର ମୁମ୍ବାଇ, ସୁରଟ, ବାଙ୍ଗାଲୋର, ହାଇଦରାବାଦ ଯିବା ପାଇଁ ମନ ବଳାଉଛନ୍ତି। ଚାଷ ପ୍ରଣାଳୀ ପରିବର୍ତ୍ତନ ଯୋଗୁ ହଳ, ହୁଳହୁଳି, ହଳିଆ ଗୀତ ଏବେ ପ୍ରାୟ ଲୋପ ପାଇବାକୁ ବସିଲାଣି। ଚାଷ କମ ସାରିବା ପରେ ଗୋ ମାତାଙ୍କ ପର୍ବ ଦିଆଲି ମଧ୍ୟ ଧୁମଧାମରେ ପାଳନ ହେଉଥିଲା। କିନ୍ତୁ ଏବେ ଏସବୁ ହଜିବାକୁ ବସିଲାଣି। ମଣିଷର ଜୀବନ ଶୈଳୀ ସହ ଚାଷ କାର୍ଯ୍ୟରେ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି।

## ଭଙ୍ଗା ଚାଳଘରେ ବିତୁଛି ଜୀବନ



ଫିରିଙ୍ଗିଆ, ୨୭(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତ ୫ ନମ୍ବର ଉଆଡ୍ ଗାଁର ଭବାନୀ ଶଙ୍କର ବେହେରା ଦୀର୍ଘ ବର୍ଷ ହେଲା ଭଙ୍ଗା ଚାଳ ଘରେ ରହିଆସୁଛନ୍ତି। ପରିବାରର ୪ ଜଣ ସଦସ୍ୟ ବର୍ଷା, ଖରାରେ ଝାଟିମାଟି ଚାଳ କୁଡ଼ିଆରେ ଦିନ କାଟୁଛନ୍ତି। ସରକାର ଆବାସ ଯୋଜନାରେ ଗରିବ ପରିବାରକୁ ଘର ଯୋଗାଇ ଦେଉଛନ୍ତି। କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ଆଜିବି ପହଞ୍ଚି ପାରୁନାହିଁ ସରକାର ଯୋଜନା। ଯାହା ଫଳରେ ଗରିବ ପରିବାର ଝାଟିମାଟି ଚାଳ କୁଡ଼ିଆରେ ଜୀବନ ବିତାଉଛନ୍ତି। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଶ୍ରୀ ବେହେରା କହିଛନ୍ତି। ଶ୍ରମିକ ଭାବେ କାମ କରୁଥିବାରୁ ଯେଉଁ ମଜୁରୀ ମିଳୁଛଇ ସେଥିରେ ପରିବାର ଚଳିବା କଷ୍ଟକର ହୋଇଥିବା ବେଳେ ଘର କିପରି କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ତାଙ୍କ ଦୁଃଖ ଦୂର ହେବ ବୋଲି କହିଛନ୍ତି।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



କାଶୀନଗର, ୨୭(ସମିସ): ଗଜପତି ଜିଲ୍ଲା କାଶୀନଗରରେ ଅବସର ନେଇଥିବା ସେନା ଅଧିକାରୀଙ୍କୁ ଲୋକେ ଶୋଭଯାତ୍ରାରେ ନେଇ ସମ୍ବର୍ଦ୍ଧିତ କରିଛନ୍ତି। ସେନା ଅଧିକାରୀ ଜଣକ ହେଲେ କାଶୀନଗର ସହରର ଏମ. ରାବାନାଆୟା। ସେ ପ୍ରଥମେ ୧୯୯୮ ଫେବୃୟାରୀ ୨୬ ତାରିଖରେ ଭାରତୀୟ ସେନା ସିପାହୀ ଭାବେ ଯୋଗ ଦେଇଥିଲେ। ପରେ ପଦୋନ୍ନତି ହୋଇ ସୁବେଦାର ମେଜର ଭାବେ ଅବସର ଗ୍ରହଣ କରିଥିଲେ। ସେ ଶେଷଥର ପାଇଁ ବ୍ରହ୍ମପୁର ସ୍ଥିତ ଗୋପାଳପୁର ଆର୍ମି ଏଡି କଲେଜରେ ଚାକିରି କରି ଅବସର ନେଇଥିଲେ। ରବିବାର ସନ୍ଧ୍ୟାରେ ସେ କାଶୀନଗର ଫେରିବା ପରେ ଗ୍ରାମବାସୀ ତାଙ୍କୁ ଫୁଲମାଳ ଓ ଉପଢୌକନ୍ ଦେଇ ବାଜାବାଜି ସହ ବହୁ ଆଡ଼ମ୍ବରେ ସ୍ୱାଗତ ସମର୍ଦ୍ଧନା ଜଣାଇଥିଲେ। ଦୀର୍ଘ ୨୬ବର୍ଷ ଚାକିରି କରିଥିବା ବେଳେ ଭାରତମାତାଙ୍କ ତଥା ଭରଗବାସୀଙ୍କ ପାଇଁ ସେ କର୍ମ କରିଥିବା ଯୋଗୁ ନିଜକୁ ଧନ୍ୟ ମନେ କରୁଥିବା ସେନାଧିକରୀ ରାଭାନା ଆୟା କହିଛନ୍ତି। ଆଗାମୀ ଦିନରେ କାଶୀନଗର ଯୁବଗୋଷ୍ଠୀ କିପରି ଦେଶ ସେବା ପାଇଁ ନିଜକୁ ସଜାଡିବେ ସେଥିପାଇଁ ସେ ଯୁବକଯୁବତୀଙ୍କ ପ୍ରୋତ୍ସାହନ କରିବେ ବୋଲି କହିଛନ୍ତି। କାଶୀନଗର ଏନଏସି ଅଧ୍ୟକ୍ଷା ଏମ. ସୁଧାରାଣୀ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ କାଶୀନଗରବାସୀଙ୍କ ତରଫରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ମେଡିକାଲ ଠିକା କର୍ମଚାରୀଙ୍କ ପୁନଃ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଫୁଲବାଣୀ, ୨୭(ସମିସ): ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କର ବିଭିନ୍ନ ବିଭାଗରେ ଠିକା କର୍ମଚାରୀ ଦୀର୍ଘ ଦିନ ଧରି କାର୍ଯ୍ୟ କରି ଆସୁଛନ୍ତି। ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ନିଯୁକ୍ତି ପାଇଥିବା ଏହି କର୍ମଚାରୀ ଦାୟିତ୍ୱପୂର୍ଣ୍ଣ ଭାବେ ନିଜର କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ହେଲେ କୌଣସି କାରଣ ନ ଦର୍ଶାଇ ଜୁନ ୩୦ ତାରିଖରୁ ସେମାନଙ୍କୁ ଛଟେଇ କରି ଦିଆଯାଇଛି। ଫଳରେ ସମସ୍ତ କର୍ମଚାରୀ ଏବେ ବେକାର ହୋଇ ଯାଇଛନ୍ତି। ଏହାର ପ୍ରତିବାଦରେ ସୋମବାର ସମ୍ପୃକ୍ତ ଠିକା କର୍ମଚାରୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଏଭଳି ହଠାତ ଛଟେଇ ଯୋଗୁଁ ସେମାନେ ଆଗକୁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ସହ ପରିବାର ଚଳାଇବା ଅସମ୍ଭବ ହୋଇପଡ଼ିବ ବୋଲି ସେମାନେ କହିଛନ୍ତି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ପୁନଃ ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। କର୍ମଚାରୀ ମାନଙ୍କ ତରଫରୁ ବିଜେତା ଦିଗାଲ, ସଙ୍ଗୀତା ବାଘ, ମଧୁସ୍ମିତା ଦିଗାଲ, ଲୋପାମୁଦ୍ରା ପ୍ରଧାନ, ରଶ୍ମିତା ପ୍ରଧାନ ଓ ଜ୍ୟୋତିସ୍ମିତା ଦିଗାଲଙ୍କ ସମେତ ବହୁ କର୍ମଚାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ ଯବାନଙ୍କୁ ସମ୍ବର୍ଦ୍ଧନା ଦେଲେ ଗ୍ରାମବାସୀ



ଜି.ଉଦୟଗିରି, ୨୭(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କତିଙ୍ଗିଆ ପଞ୍ଚାୟତ କେପଡ଼ି(ପାଙ୍ଗାନାଜୁ) ଗ୍ରାମର ବାସିନ୍ଦା ଅବସର ପ୍ରାପ୍ତ ସିଆରପିଏଫ ଯବାନ ଜନେକ ପ୍ରଧାନ(୬୦)ଙ୍କୁ ଅଞ୍ଚଳବାସୀ ସମ୍ବର୍ଦ୍ଧନା ଦେଇଛନ୍ତି। ଅବସର ଗ୍ରହଣ କରିଥିବା ଯବାନ ୧୯୮୯ରେ ଦୀମାପୁର, ନାଗାଲାଣ୍ଡ ସିଟି କନଷ୍ଟେବଲ ଭାବେ ଦେଶ ସେବାରେ ଯୋଗଦାନ କରିଥିଲେ। ଦୀର୍ଘ ୩୫ବର୍ଷ ଧରି ଦେଶ ସେବା କରିବା ପରେ ସେ ଏସଏମ ସୁବେଦାର ମେଜର ଭାବେ ଅବସର ଗ୍ରହଣ କରିଛନ୍ତି। ତାଙ୍କର ଜୀବନ କାଳରେ ୧୯୯୯ ମସିହାରେ କାର୍ଗିଲ ଯୁଦ୍ଧରେ ଯୋଗଦାନ କରି ଦେଶ ପାଇଁ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅଞ୍ଚଳବାସୀ ଓ ପରିବାର ଲୋକ ଯବାନଙ୍କୁ ପାରମ୍ପାରିକ ଚାଙ୍ଗୁ ବାଜା ଓ ନୃତ୍ୟରେ ଲାବୁରୀ ଠାରୁ ଆତସବାଜି ଫୁଟାଇ ଫୁଲମାଳ ଦେଇ ସ୍ୱାଗତ କରି ନିଜ ଗ୍ରାମକୁ କେପଡ଼ିକୁ ପାଛୋଟି ଆଣିଥିଲେ। ସ୍ୱାଗତ ସମ୍ବର୍ଦ୍ଧନାରେ କେପଡ଼ି ଗ୍ରାମ ଓ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। ଯୁବକମାନେ ଦେଶର ସୁରକ୍ଷା ପାଇଁ ଆଗେଇ ଆସନ୍ତୁ ଓ ଦେଶର ସୁରକ୍ଷା କ୍ଷେତ୍ରରେ ନିଜକୁ ନିୟୋଜିତ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ।

## ନୂତନ ଅପରାଧିକ ଆଇନ ଉପରେ କର୍ମଶାଳା



ଫୁଲବାଣୀ, ୨୭(ସମିସ): ଲାଗୁ ହୋଇଛି ନୂତନ ଅପରାଧିକ ଆଇନ। ଏ ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ପୁଲିସ ପକ୍ଷରୁ ଏହି ଆଇନ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ନୂତନ ଆଇନ ଉପରେ ତଥ୍ୟ ରଖିଥିଲେ। ଏହି ଆଇନ ଦ୍ୱାରା ଲୋକେ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଶ୍ରୀ ପାତ୍ର କହିଥିଲେ। ବ୍ରିଟିଶ ଅମଳର ତିନି ଫୌଜଦାରୀ ଆଇନ ଆଇପିସି, ସିଆରପିସି ଓ ଏଭିଡେନସ୍ ଆକ୍ଟ ବଦଳରେ ନୂଆ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଲାଗୁ କରାଯାଇଛି। ଏହା ଦ୍ୱାରା ଧାରା ଓ ଦଣ୍ଡବିଧାନ ବ୍ୟବସ୍ଥା ବଦଳିବ ବୋଲି କହିଛନ୍ତି ଏସପି। ୮୧ ଟି ଦଫାରେ ଅଧିକ ଦଣ୍ଡ ଥିବାବେଳେ ୨୩ଟି ଦଫାରେ ଅତି କମରେ ୫ ବର୍ଷ ଜେଲ ଦଣ୍ଡ ବ୍ୟବସ୍ଥା କରାଯାଇଛି। ଏହା ସହିତ ଜିରୋ ଏଫ ଆଇଆର ବ୍ୟବସ୍ଥା ରହିଛି। ଯେଉଁ ସ୍ଥାନରେ ଥିଲେ ମଧ୍ୟ ନିଜ ଘରେ କିଛି ଅଘଟଣ ହେଲେ ଉକ୍ତ ସ୍ଥାନରେ ଏଫଆଇଆର ଦେଇପାରିବେ ବୋଲି ସୂଚନା ଦେଇଥିଲେ ଏସପି।। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଳଭଦ୍ର ଦୀପ, ଡ଼ିଏସପି କମଳ କୁମାର ପଣ୍ଡା ଓ ସଦର ଏସଡିପିଓ ସୁପ୍ରସନ ମଲ୍ଲିକ ଯୋଗ ଦେଇଥିଲେ। ଏହା ସହିତ ପାରା ଲିଗାଲ ସ୍ୱେଚ୍ଛାସେବୀ, ନେହେରୁ ଯୁବ କେନ୍ଦ୍ରର ଯୁବ ଗୋଷ୍ଠୀ, ବରିଷ୍ଠ ନାଗରିକ ଓ ପୁଲିସ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲାର ୧୮ ଟି ଥାନାରେ ପ୍ରତିମାସରେ ହେଉଥିବା ଆମ ପୁଲିସ ବୈଠକରେ ନୂଆ ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲି ଏସପି କହିଛନ୍ତି। ଯଦି କୌଣସି ବ୍ୟକ୍ତି ନୂଆ ଆଇନ ସମ୍ପକରେ ବୁଝି ନ ପାରିବେ, ସେ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ଆସି ବୁଝି ପାରିବେ ବୋଲି ସୂଚନା ଦିଆଯାଇଛି।

## ତ୍ରିନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା



ଜି.ଉଦୟଗିରି, ୨୭(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଶ୍ରୀରାମପଦା ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ବେଳେ ଅନୁଷ୍ଠିତ ହୋଇଛି କଳସ ଯାତ୍ରା। ଶତାଧିକ ମହିଳା ପୁରୁଷ କଳସ ଧରି ସହର ପରିକ୍ରମା କରିଥିଲେ। ମଙ୍ଗଳବାର ଠାରୁ ୩ ଦିନ ଧରି ଅନ୍ନଯଜ୍ଞ, ଘୃତଯଜ୍ଞ, ନାମଯଜ୍ଞ ଚାଲିବା କାର୍ଯ୍ୟକ୍ରମ ରହିଛି। ଏଥିରେ ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେବା ସହିତ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଛନ୍ତି। ଏହି ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହେବାରେ ଲାଗିଛି। ଶ୍ରୀରାମପଦା ଜନସାଧାରଣଙ୍କ ସହଯୋଗ ସହିତ ଉତ୍ସବରେ ବାଳକୃଷ୍ଣ ମହାନ୍ତି, ସିଲୁ ମହାନ୍ତି, ଭଗବାନ ଦାଶ, ସୀମାଞ୍ଚଳ ସାହୁ, ଜଗନ୍ନାଥ ସାହୁଙ୍କ ସହିତ ମିଥୁନ ସ୍ୱାଇଁ ଦାୟିତ୍ୱ ପରିଚାଳନା କରୁଥିବା ଜଣାପଡ଼ିଛି।

## ନୂତନ ଅପରାଧିକ ଆଇନ ସମ୍ପର୍କରେ ସଚେତନତା



ପାରଳାଖେମୁଣ୍ଡି, ୨୭(ସମିସ): ଗଜପତି ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ନୂତନ ଅପରାଧିକ ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ନୂତନ ଅପରାଧିକ ଆଇନ ସମ୍ପର୍କରେ ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଜପତି ପୁଲିସ ପକ୍ଷରୁ ଏନେଇ ଜିଲ୍ଲାର ବିଭିନ୍ନ ଥାନା ଓ ଅଦାଲତରେ ସଚେତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାରଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଆଦର୍ଶ ଥାନା, ଗାରବନ୍ଧ ଥାନା ଏବଂ ଗୁରାଣ୍ଡି ଥାନାରେ ସଚେତନ ଶିବିର ଆୟୋଜନ ହୋଇଥିଲା। ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିପି ବୃନ୍ଦାବନ ନାୟକ, ବରିଷ୍ଠ ଆଇନଜୀବୀ ସ୍ୱରୂପ ପାଳ, ଆଇନଜୀବୀ ହୀରା ଚାନ୍ଦ ପଟ୍ଟନାୟକ ଓ ରଜତ କୁମାର ପାତ୍ର ଯୋଗଦେଇ ନୂତନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଚେତନା ଶିବିରରେ ଅନେକ ବୁଦ୍ଧିଜୀବୀ, ଆଇନଜୀବୀ, ସାଧାରଣ ଜନତା ଯୋଗ ଦେଇଥିଲେ। ସେହିପରି ଗାରବନ୍ଧ ଥାନାରେ ଦାୟିତ୍ୱରେ ଥିବା ଥାନା ଅଧିକାରୀ ରୀନାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାରବନ୍ଧ ଥାନା ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ଗୁରାଣ୍ଡି ଥାନା ପରିସରରରେ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକ ଯୋଗ ଦେଇଥିଲେ। ସମ୍ପୃକ୍ତ ଥାନାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ





ପାରଳାଖେମୁଣ୍ଡି, ୨୭(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରବନ୍ଧ ଗ୍ରାମ ନିକଟସ୍ଥ ତଥା ମହେନ୍ଦ୍ରବନାଞ୍ଚଳ ଅନ୍ତର୍ଗତ କଳାସିଂ ଗ୍ରାମରେ ୭୫ତମ ବନମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ କଳାସିଂ ଗ୍ରାମ ନିକଟରେ ଥିବା ୨୦ହେକ୍ଟର ପରିମିତ ଲଣ୍ଡା ପାହାଡରେ ଚାରାରୋପଣର ଶୁଭାରମ୍ଭ ହୋଇଛି। ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଅମିତ ସୁଭ୍ରଜିତଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଗୋଷାଣି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଶିଶୁର କୁମାର ବିଶୋଇ, ଲାବାଣ୍ୟଗଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷକ ନରସିଂହ ବେହେରା, ଗାରବନ୍ଧ ଫରେଷ୍ଟର ଦୁର୍ଯ୍ୟଧନ ଜେନା ଯୋଗ ଦେଇଥିଲେ। ଅତିଥି ଗଣ ବୃକ୍ଷର ଉପକାରିତା ସମ୍ପର୍କରେ କହିବା ସହ ବୃକ୍ଷ ହିଁ ଜୀବନ ବକ୍ତବ୍ୟ ରଖିଥିଲେ। ଜଳବାୟୁରେ ପରିବର୍ତ୍ତନ ସମସ୍ୟାର ସମାଧାନ ନିମନ୍ତେ ବୃକ୍ଷହିଁ ପରିବେଶକୁ ସନ୍ତୁଳିତ କରିବାରେ ସହାୟକ ହେବ ବୋଲି ମତ ରଖିଥିଲେ। ଏହାପରେ ଗ୍ରାମ ନିକଟସ୍ଥ ପାହାଡରେ ମଞ୍ଚାସୀନ ଅତିଥି ଗଣ ଏବଂ ଉପସ୍ଥିତ ଜନସାଧାରଣ ଚାରାରୋପଣ କରିଥିଲେ।

**ଜି.ଉଦୟଗିରି:** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବନାଞ୍ଚଳ ଅନ୍ତର୍ଗତ କଳିଙ୍ଗା ସେକ୍ସନର ତଲାରିମାହା ବିଟର ଭାଞ୍ଜପଦର ସଂରକ୍ଷିତ ଜଙ୍ଗଲରେ ୭୫ତମ ବନମହୋତ୍ସବ ଉପ ବନ ସଂରକ୍ଷକ କାଜଲ୍ ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ, ଅନ୍ୟତମ ଅତିଥି ଭାବେ ଟିକାବାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କୁମାର କହଁର, ତାଲାରିମାହା ସରପଞ୍ଚ ବଳଭଦ୍ର କହଁର, ନାଏବ ସରପଞ୍ଚ ପ୍ରିୟଙ୍କା ପ୍ରଧାନ ଓ ଅବସରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲ୍ଲିକ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ପରିବେଶର ସୁରକ୍ଷା ପାଇଁ ଚାରାରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ସଂରକ୍ଷିତ ଜଙ୍ଗଲରେ ୫୦ହେକ୍ଟର ଅଞ୍ଚଳରେ ବିଭିନ୍ନ ପ୍ରକାରର ୧୦ ହଜାର ଚାରାରୋପଣ କରାଯିବା ଲକ୍ଷ୍ୟ ରହିଥିବା ନେଇ ବନପାଳ ରଶ୍ମିତା ବକ୍ସି ସୂଚନା ଦେଇଛନ୍ତି। ପୂର୍ବରୁ ଉକ୍ତ ବନାଞ୍ଚଳ ଅନ୍ତର୍ଗତ ସିରିକି ଇକୋପାର୍କରେ ବନପାଳ ପ୍ରଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବନମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ ଯୋଗ ଦେଇ ଚାରା ରୋପଣ କରିଥିବା ବେଳେ କାର୍ଯ୍ୟକ୍ରମରେ ସମସ୍ତ ବନ କର୍ମଚାରୀ ସହଯୋଗ କରିଥିଲେ।

**ମୋହନା:** ଗଜପତି ଜିଲ୍ଲା ମୋହନା ବନବିଭାଗ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉପଦେଷ୍ଟା ମଧୁସୁଦନ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ବନ ମହୋତ୍ସବରେ ସଭାପତି ପୂର୍ଣ୍ଣଚନ୍ଦ୍ର ଦଳାଇ ଯୋଗ ଦେଇ ଚାରାରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟା ଆରତୀ ପାଢ଼ୀ ପରିଚାଳନା କରିଥିବା ବେଳେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ଚନ୍ଦ୍ରଗିରି ବନାଞ୍ଚଳ ଅଧିକାରୀ ବିନୟ ପ୍ରକାଶ ବୁଜ୍ ଯୋଗଦେଇ ବନ ମହୋତ୍ସବର ଉଦ୍ଦେଶ୍ୟ ଓ ଚାରା ରୋପଣର ଆବଶ୍ୟକତା ଉପରେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମା'ଙ୍କ ନାମରେ ଗୋଟିଏ ଗଛ ଲଗାଇ ପାଇଁ ଆହ୍ୱାନ ଦେଇଥିବା ବେଳେ ସମସ୍ତ ବ୍ୟକ୍ତି ଚାରାରୋପଣ କରିବାକୁ ବନାଞ୍ଚଳ ଅଧିକାରୀ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ସମ୍ପାଦକ ରବି ପାତ୍ର, ବନପାଳ ଦେବାଶିଷ ଶତପଥୀ, ବର୍ଷାରାଣୀ ପଟ୍ଟନାୟକ, ଲିପିକା ଅନୁଷ୍ଠାନ ସଂଯୋଜକ ଅକ୍ଷୟ ଶତପଥୀ ଓ ପରିଚାଳନା ସମିତି ଉପଦେଷ୍ଟା ବାବୁଲା ସେଠୀ ଯୋଗ ଦେଇଥିଲେ। ଏହାପରେ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ଚାରାରୋପଣ କରିଥିଲେ।



